ବର୍ଷ-୨୫, ସଂଖ୍ୟା-୨୬୮
ଭୁବନେଶ୍ୱର
୦୯, ଅକ୍ଟୋବର, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-25, Issue No. 268
Bhubaneswar
09, October, 2025 Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶିଳ୍ପା ସେଟୀଙ୍କ ଜେରା

# ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

**ମୁମ୍ବାଇ,୮।୧୦:** ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ କଂଗ୍ରେସର ନୀତିକୁ ସମାଲୋଚନା କରିଛନ୍ତି। ଜାତୀୟ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସେହି ସମୟରେ କଂଗ୍ରେସ ଆତଙ୍କବାଦୀଙ୍କ ଆଗରେ ଆତ୍ମସମର୍ପଣ କରିଥିଲା, ଯାହା ଦେଶର ସୁରକ୍ଷାକୁ ଦୁର୍ବଳ କରିଥିଲା କିନ୍ତୁ ବର୍ତ୍ତମାନରେ ଭାରତର ନୂତନ ରାଷ୍ଟ୍ରୀୟ ସୁରକ୍ଷା ନୀତି ଅଧୀନରେ ଅପରେସନ୍ ସିନ୍ଦୂର ମାଧ୍ୟମରେ ବିଶ୍ୱ ଭାରତର ନିର୍ଣ୍ଣୟକୁ ଦେଖିଛି। ଏହା ସହିତ, ପ୍ରଧାନମନ୍ତ୍ରୀ କଂଗ୍ରେସକୁ ପ୍ରଶ୍ନ କରିଛନ୍ତି, ମୁମ୍ବାଇ ଆକ୍ରମଣ ପରେ କାହିଁକି ସାମରିକ କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା। ମୋଦୀ କହିଛନ୍ତି, ବରିଷ୍ଠ କଂଗ୍ରେସ ନେତା କହିଥିଲେ ସେନା ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ଅନ୍ୟ ଦେଶର ଚାପରେ, ସରକାର ପାକିସ୍ତାନ ଉପରେ ଆକ୍ରମଣ କରିନଥିଲେ ମୁମ୍ବାଇ ୨୬/୧୧ ହମ୍ଲା ପରେ କଂଗ୍ରେସ ସରକାର ଆତଙ୍କବାଦୀଙ୍କ ଆଗରେ ନଇଁଥିଲା। ଯାହା ଦେଶର ସୁରକ୍ଷାକୁ କ୍ଷତି ପହଞ୍ଚାଇଥିଲା। ଅପରେସନ୍ ସିନ୍ଦୂର ଭାରତର ଆତଙ୍କବାଦ ବିରୋଧୀ ନୀତିର ନୂଆ ମାନଦଣ୍ଡ। ଏହି ଅପରେସନ୍‌ରେ କୌଣସି ବିଶ୍ୱ ନେତା ଭାରତକୁ ରୋକିବାକୁ କହିନଥିଲେ, ୧୯୦ଟି ଦେଶର ସମର୍ଥନ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି (ବୁଧବାର) ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିଛନ୍ତି ।। ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ୧୯୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହା ଭାରତର ସର୍ବବୃହତ ଗ୍ରୀନଫିଲ୍ଡ ବିମାନବନ୍ଦର ପ୍ରକଳ୍ପ । ଏହି ବିମାନବନ୍ଦରକୁ ସରକାରୀ-ଘରୋଇ ସହଭାଗୀତା (ପିପିପି) ମଡେଲ ଅଧୀନରେ ବିକଶିତ କରାଯାଇଛି ।



## ରସାୟନ ବିଜ୍ଞାନରେ ନୋବେଲ୍

**ନୂଆଦିଲ୍ଲୀ,୮।୧୦(ମହାଭାରତ):** ଭେଷଜ ଓ ପଦାର୍ଥ ବିଜ୍ଞାପନ ପରେ ଆଜି ରସାୟନ ବିଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ ପାଇଁ ନୋବେଲ ବିଜେତାଙ୍କ ନାଁ ଘୋଷଣା କରାଯାଇଛି। ୨୦୨୪ ଓ ୨୦୨୩ ଭଳି ୨୦୨୫ରେ ମଧ ରସାୟନ ବିଜ୍ଞାନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମିଳିତ ଭାବେ ତିନି ଜଣ ବୈଜ୍ଞାନିକଙ୍କୁ ମିଳିବ ନୋବେଲ ପୁରସ୍କାର।



ସୁସୁମୁ କିଟାଗାୱା, ରିଚାର୍ଡ ରୋବସନ ଓ ଓମାର ୟାଘିଙ୍କୁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ କରାଯାଇଛି। ମେଟାଲ ଅର୍ଗାନିକ ଫ୍ରେମୱାର୍କକୁ ବିକଶିତ କରିବାରେ ଏହି ବୈଜ୍ଞାନିକ ସକ୍ଷମ ହୋଇଥିବାରୁ ସେମାନଙ୍କୁ ନୋବେଲ ପୁରସ୍କାର ମିଳିବ। କୁସୁମୁ ଜାପାନର କୟୋଟୋ ବିଶ୍ୱବିଦ୍ୟାଳୟରେ କାମ କରୁଥିବା ବେଳେ ରିଚାର୍ଡ ଅଷ୍ଟ୍ରେଲିଆର ମେଲବର୍ଣ୍ଣ ଓ ଓମାର ଆମେରିକାର ବେରକେଲେୟ ଠାରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ୨୦୨୪ରେ ଡାଭିଡ ବାକେର, ଡେମିସ ହାସାବିସ ଓ ଜନ ଜମ୍ପରଙ୍କୁ ନୋବେଲ ପୁରସ୍କାର ମିଳିଥିଲା। କମ୍ପ୍ୟୁଟେସନାଲ ପ୍ରୋଟିନ ଡିଜାଇନ ପାଇଁ ଏହି ୩ ଜଣଙ୍କୁ ନୋବେଲ ଦିଆଯାଇଥିଲା। ତେବେ ପୁରସ୍କାର ବାବଦରେ ମିଳିବାକୁ ଥିବା ଅଧା ଅର୍ଥ ଏକାକୀ ଡାଭିଡ ବାକେର ନେଇଥିଲେ। ବାକି ଅଧା ପୁରସ୍କାର ରାଶି ଡେମିସ ଓ ଜନଙ୍କ ମଧ୍ୟରେ ସମାନ ଭାବେ ବଣ୍ଟା ଯାଇଥିଲା।

# ବିଶ୍ୱସ୍ତରୀୟ ହେବ ମା’ ସମଲେଶ୍ୱରୀ ପୀଠ

**ଭୁବନେଶ୍ୱର,୮।୧୦(ମହାଭାରତ):** ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମା ସମଲେଶ୍ୱରୀ ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି ଯେ ମା ସମଲେଶ୍ୱରୀ ମନ୍ଦିର ବିକାଶ କାମ ୩୧୬ କୋଟି ଟଙ୍କା ବିନିଯୋଗରେ ୮୨ ଏକର ପରିମିତ ଅଞ୍ଚଳରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁର୍ପାଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ସହିତ ଅନ୍ୟାନ୍ୟ ଯାତ୍ରୀ ଓ ଦର୍ଶନାର୍ଥୀ ସୁବିଧା ଉପଲବ୍ଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ।

ଓଡିଶାର ପ୍ରସିଦ୍ଧ ଶକ୍ତିପୀଠ ମା’ ସମଲେଶ୍ୱରୀଙ୍କ



ପୀଠରେ ବର୍ଷ ତମାମ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିରହିଥାଏ। ଏଥିସହିତ ସମ୍ବଲପୁର ଜିଲ୍ଲାର ମଧ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରସିଦ୍ଧି ରହିଛି। ସେଥିପାଇଁ ଦେଶବିଦେଶରୁ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ଆସିଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକୁ ବିଶ୍ୱସ୍ତରୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସରେ ଅଧିକ ସଂଖ୍ୟକ ଭକ୍ତଙ୍କ ରହଣି ସୁବିଧା ପାଇଁ, ଆବଶ୍ୟକସ୍ଥଳେ ବହୁତଳ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ଦିର ବିକାଶ କାର୍ଯ୍ୟ ପାଇଁ ବିସ୍ଥାପିତ ହେଉଥିବା ବାସିନ୍ଦାଙ୍କ ଉପଯୁକ୍ତ ଥଇଥାନ ପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ନୂଆପଡ଼ା ନିର୍ବାଚନ ପୂର୍ବରୁ ବିଜେପିର ବଡ଼ ପ୍ରସ୍ତୁତି

**ଭୁବନେଶ୍ୱର,୮।୧୦(ମହାଭାରତ):** ନୂଆପଡ଼ା ଉପନିର୍ବାଚନ ପାଇଁ ଖୁବଶୀଘ୍ର ବିଜେପି ଘୋଷଣା କରିବ ପ୍ରାର୍ଥୀ। ଏହା ପୂର୍ବରୁ ବଡ଼ ପ୍ରସ୍ତୁତିରେ ଲାଗିଛି ବିଜେପି। ଆସନ୍ତାକାଲି ବିଜେପି ରାଜ୍ୟ



କାର୍ଯ୍ୟାଳୟରେ ବସିବ ବିଜେପି କୋର କମିଟି ବୈଠକ । ରାଜ୍ୟ ସଭାପତିଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ। ଦୁଇ ପ୍ରଭାରୀଙ୍କ ସହ କୋର କମିଟିର ସଦସ୍ୟ ମାନେ ଉପସ୍ଥିତ ରହିବେ । ବିଜେପି ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ ଏବଂ ରାଷ୍ଟ୍ରୀୟ ସଂଗଠକ ଭି ସତୀଶ ମଧ ଓଡିଶା ଗସ୍ତରେ ଆସିଛନ୍ତି । କୋର କମିଟି ବୈଠକରେ ନୂଆପଡା ଉପନିର୍ବାଚନ ନେଇ ହେବ ଆଲୋଚନା। କିଏ ହେବ ପ୍ରାର୍ଥୀ ସାମ୍ଭାବ୍ୟ ତାଲିକାକୁ ନେଇ ହେବ ମାନସ ମନ୍ଥନ। ଏଥିରେ ବିଜେପି ଶେଷ ମୁହୂର୍ତ୍ତରେ ଖେଳିପାରେ ମାଷ୍ଟରକାର୍ଡ।

ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ, ନୂଆପଡା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କୋର କମିଟି ବୈଠକରେ ସେ ନେଇ ହେବ ଆଲୋଚନା। ତେବେ ମନମୋହନ ସାମଲଙ୍କ ନାଁ ଚର୍ଚ୍ଚାରେ ଥିବା ପ୍ରଶ୍ନରେ ପ୍ରଭାରୀ କହିଛନ୍ତି ମୋ ପାଖେ ସେମିତି କିଛି ସୂଚନା ନାହିଁ । କିନ୍ତୁ ବହୁତ ଆଶାୟୀଙ୍କ ନାମ ରହିଛି ଆଲୋଚନା ହେବ ।ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ଜନଜାତି ବିଧାୟକ ଏବଂ ସାଂସଦଙ୍କୁ ପ୍ରଶିକ୍ଷଣ ଶିବିର। ଏଥିରେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ଜନଜାତି ବିଧାୟକ ଏବଂ ସାଂସଦ । ଜନଜାତି ବିଧାୟକ, ସାଂସଦ ନିଜ ନିଜ ନିର୍ବାଚନ ମଣ୍ଡଳୀର କିଛି କିଛି ଗାଁ ପୋଷ୍ୟ ଭାବେ ଗ୍ରହଣ କରିବେ । ଜନଜାତି ବିଧାୟକ ଏବଂ ସାଂସଦ ୨୦ ରୁ ୨୫ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିବେ । ଏନେଇ ପ୍ରଶିକ୍ଷଣ ଶିବିରରେ ବିଧାୟକ ଏବଂ ସାଂସଦ ମାନଙ୍କୁ ତାଲିମ ଦିଆଯିବ ।

# ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖ

## ମୁଖ୍ୟମନ୍ତ୍ରୀଙ୍କ ଆଇନ ଶୃଙ୍ଖଳା ସମୀକ୍ଷା

ଭୁବନେଶ୍ୱର,୮।୧୦(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିବା ସହିତ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀ ତଥା ଅନ୍ୟାନ୍ୟ ସଂଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡା ନଜର ରଖିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ଶାନ୍ତିପୂର୍ଣ୍ଣ ରାଜ୍ୟଭାବେ ପରିଚିତ ଓଡିଶାର ଛବିକୁ ମଳିନ କରିବା ପାଇଁ କିଛି ଉଦ୍ଦେଶ୍ୟ ପ୍ରଣୋଦିତ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ଦୃଢହସ୍ତରେ ଦମନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରି ଏପରି ବ୍ୟକ୍ତିମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିବାକୁ ସେ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କର୍ଫ୍ୟୁ ଉଠିବା ସହିତ ଇଣ୍ଟରନେଟ ସେବା ପୁନଃସ୍ଥାପିତ ହୋଇଛି ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପରିସ୍ଥିତି ସାମାନ୍ୟ ହେଲେ ମଧ ପୋଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦିନଶୀଳ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି



> **କଟକ ସହର ସ୍ଥିତି ପ୍ରାୟତଃ ସ୍ୱାଭାବିକ ହୋଇଛି, ପୋଲିସକୁ ସତର୍କ ରହିବାକୁ ପରାମର୍ଶ**

ରଖାଯାଉ। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୋଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଭାଇଚାରାର ସହର କଟକର ଅଧିବାସୀଙ୍କୁ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ ।ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପିତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ହତ୍ୟାକାରୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪୪ ବର୍ଷର ମାଓ ସଂପର୍କ ଭାଙ୍ଗି ଆତ୍ମସମର୍ପଣ ମାଓ ନେତା ରୁବେନ

**ମାଲକାନଗିରି,୮।୧୦(ମହାଭାରତ):** ମାଓ ସଂଗଠନକୁ ଲାଗିଲା ବଡ଼ ଝଟକା। ସୀମାନ୍ତ ତେଲେଙ୍ଗାନା ପୁଲିସ ନିକଟରେ ନକ୍ସଲ ସଂଗଠନର ଜଣେ ଆଗଧାଡିର ମାଓ ନେତା ମନ୍ଦା ରୁବେନ(୬୭) ଆତ୍ମସମର୍ପଣ କରିଛି। ତେଲେଙ୍ଗାନାର ୱାରଙ୍ଗଲ ଜିଲ୍ଲା ପୁଲିସ ଏସପି ସନପ୍ରିତ ସିଂଙ୍କ ସମ୍ମୁଖରେ ଏହି ମାଓ ନେତା ଆତ୍ମସମର୍ପଣ କରିଛି। ସରକାର ରୁବେନ ଉପରେ ୮ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ।



ମିଳିଥିବା ସୂତ୍ର ଅନୁଯାୟୀ ଲଗାତାର ସ୍ୱାସ୍ଥ୍ୟ ଖରାପ ହେବା, ପୁଲିସର ଅପରେସନରେ ଲୁଚିବା ଅସମ୍ଭବ ହେବା, ସଂଗଠନରେ ଭେଦଭାବ,ଦୁଇ ଗୋଷ୍ଠୀ ହେବା ଯୋଗୁଁ ସଂଗଠନ ଛାଡିବାକୁ ସେ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ରୁବେନ ସଂଗଠନରେ ୪୪ ବର୍ଷ ଧରି ଜଡିତ ଥିଲେ। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସେ ସଚିବ ରହିଥିଲେ। ନକ୍ସଲ ପୁଲିସ ଉପରେ ହମଲା କରିବାର ସମସ୍ତ ବ୍ଲୁପ୍ରିଣ୍ଟ ରୁବେନ ପ୍ରସ୍ତୁତ କରୁଥିଲେ। ପୁଲିସର ଅପରେସନରେ ବଡ ବଡ ନେତା ଟଳି ପଡୁଥିବା ରୁବେନ ପାଇଁ ଚିନ୍ତାର ବିଷୟ ହୋଇଥିଲା। ସଂଗଠନରେ ଆଉ ତାଂକ ନିଷ୍ପତ୍ତିକୁ କେହି ଗ୍ରହଣ କରିବାକୁ ରାଜି ନଥିଲେ। ତାଂକୁ ସଂଗଠନରେ ଏକ ଘରକିଆ କରିଦିଆଯାଇଥିଲା। ତେଣୁ ସେ ସଂଗଠନରେ ଆଉ ବେଶୀ ଦିନ ରହିବା ତାଂକ ପାଇଁ ବିପଦ ହୋଇଯାଇଥିଲା। ରୁବେନ ସଂଗଠନରେ ୪୪ ବର୍ଷ ଧରି ଜଡିତ ଥିଲେ। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସେ ସଚିବ ରହିଥିଲେ। ନକ୍ସଲ ପୁଲିସ ଉପରେ ହମଲା କରିବାର ସମସ୍ତ ବ୍ଲୁପ୍ରିଣ୍ଟ ରୁବେନ ପ୍ରସ୍ତୁତ କରୁଥିଲେ। ତେଲେଙ୍ଗାନାରେ ଚଳିତ ବର୍ଷ ୪୧୦ ଜଣ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ସେହିପରି ୪୨୧ ଜଣ ମାଓବାଦୀ ଗିରଫ ହୋଇସାରିଲେଣି। ସେହିପରି ୧୩୭ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଇଛି। ଯଦି ଦେଖିବା ଗତ ୨୦୨୪ରେ ତେଲେଙ୍ଗାନାରେ ୯୨୪ ଜଣ ମାଓବାଦୀ ଗିରଫ ହୋଇଥିବା ବେଳେ ୫୯୯ ଜଣ ଆତ୍ମସମର୍ପଣ ଏବଂ ୧୯୫ ଜଣ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛନ୍ତି।

# ୩ କମିଟି ଗଠନ ଘୋଷଣା କଲେ ନବୀନ

**ଭୁବନେଶ୍ୱର,୮।୧୦(ମହାଭାରତ):** ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ତିନୋଟି ଗୁରୁତ୍ୱପୂର୍ଣ୍ଣ କମିଟି ଗଠନ କରିଛନ୍ତି।

ଏହି କମିଟିଗୁଡ଼ିକରେ ପୂର୍ବତନ ମନ୍ତ୍ରୀ, ବର୍ତ୍ତମାନର ଓ ପୂର୍ବତନ ବିଧାୟକ, ଜଣେ ରାଜ୍ୟସଭା ସାଂସଦ ଏବଂ ସ୍ଥାନୀୟ ରାଜନୈତିକ ନେତାମାନଙ୍କୁ ସାମିଲ କରାଯାଇଛି। ଷ୍ଟିୟରିଂ କମିଟି (୬ ସଦସ୍ୟ): ଏହି ଉଚ୍ଚସ୍ତରୀୟ କମିଟି ପ୍ରଚାର ରଣନୀତି ଏବଂ ରାଜ୍ୟ ଓ ଜିଲା ୟୁନିଟ ମଧ୍ୟରେ ସମନ୍ୱୟ ତଦାରଖ କରିବ। ସଦସ୍ୟମାନେ ହେଲେ: ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନୀ ସାହୁ, ନିରଞ୍ଜନ ବିଶି ଏବଂ ମୋ. ଆୟୁବ ଖାନ ।ଜୋନାଲ କମିଟି (୧୦ ସଦସ୍ୟ): ଏହି କମିଟି ନୂଆପଡ଼ା, କୋମନା, ସିନାପାଲି, ଜୋଙ୍କ ପରି ଗ୍ରାମୀଣ ବ୍ଲକ ଏବଂ ନୂଆପଡ଼ା ଓ ଖରିଆର ଏନଏସି ପରି ସହରୀ ଅଞ୍ଚଳରେ ମାଇକ୍ରୋ ମ୍ୟାନେଜମେଣ୍ଟ କରିବେ। ସଦସ୍ୟମାନେ ହେଲେ: କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ଦେବେଶ ଆଚାର୍ଯ୍ୟ, ସାରୋଜ ମେହେର, ମନୋଜ ରନ୍ଧାରୀ, ରୋହିତ ପୂଜାରୀ, ଜୋଗେଶ ସିଂହ ଏବଂ ବିକ୍ରମ ପାଣ୍ଡା। ଲୋକାଲ ଆକ୍ସନ କମିଟି (୩ ସଦସ୍ୟ): ଏହି କମିଟି ନୂଆପଡ଼ାର ମୂଳ ଅଞ୍ଚଳରେ ବୁଥ-ସ୍ତରୀୟ ଯୋଜନା, ଭୋଟର ତାଲିକା ଯାଞ୍ଚ ଏବଂ ଘରେ ଘରେ ପ୍ରଚାର ଉପରେ ଧ୍ୟାନ ଦେବ।

ସଦସ୍ୟମାନେ ହେଲେ: ଅଧୀର ପାଣିଗ୍ରାହୀ, ଅବନୀ ଜୋଶୀ ଏବଂ ମନୋଜ ମିଶ୍ର ।ବିକ୍ରମ ପାଣ୍ଡାଙ୍କୁ ଛାଡ଼ି ଏହି ତିନୋଟି କମିଟିରେ ନିଯୁକ୍ତ ସମସ୍ତ ସଦସ୍ୟ ପଶ୍ଚିମ ଓଡ଼ିଶାର। ଏହି କମିଟି ଗଠନ ନବୀନ ପଟ୍ଟନାୟକଙ୍କର ଉପନିର୍ବାଚନ ପାଇଁ ମାଇକ୍ରୋ-ମ୍ୟାନେଜମେଣ୍ଟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି, ଯେଉଁଥିରେ ଅଭିଜ୍ଞ ନେତୃତ୍ୱ ଓ ନୂଆ ସାଙ୍ଗଠନିକ ନେତା ମାନଙ୍କୁ ଦେଖିବାକୁ ମିଳିଛି।

## ପୋଲିସ୍‌କୁ ମାଡ ମାରି ୫ ଅଟକ

**ଭୁବନେଶ୍ୱର,୮।୧୦(ମହାଭାରତ):** ରାଜଧାନୀରେ ପୋଲିସକୁ ମାଡ଼ ଅଭିଯୋଗ ହୋଇଛି। ତମାଣ୍ଡୋ ଥାନା ଅଂଚଳରେ ଅସଦାଚରଣ ଅଭିଯୋଗ ଖବର ପାଇ ଯାଇଥିବା ବେଳେ ପୋଲିସକୁ ମାଡ଼ ସହ ପିସିଆର ଭଙ୍ଗାରୁଜା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। କଳିଙ୍ଗବିହାର କେ-୪ରେ ଯୁବତୀଙ୍କୁ ଅସଦାଚରଣ ନେଇ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଥାନାରେ ଅଭିଯୋଗ ହୋଇଥିଲା। ଖବର ପାଇ ପିସିଆର ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକେ ଓ ଅଭିଯୋଗକାରୀଙ୍କ ପକ୍ଷରୁ ଉତ୍ୟକ୍ତ ଲୋକେ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିବା ସହ ପୋଲିସ ଷ୍ଟାଫଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ। ତୁରନ୍ତ ୩ଟି ପିସିଆର ଭ୍ୟାନ ସହ ଥାନା ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ଘର ମାଲିକ ଭଡାରେ ଥିବା ଯୁବତୀଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଥିଲା ।ଘର ମାଲିକଙ୍କ ପରିବାର ଲୋକେ ଓଲଟା ଯୁବତୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। ଭଡା ଟଙ୍କା ମାଗିବାରୁ ଯୁବତୀ ମିଛ ଅଭିଯୋଗ ଆଣିଥିବା ସେମାନେ କହିଥିଲେ। ଅନ୍ୟପଟେ ପୋଲିସକୁ ମାଡ଼ ମାରିବା ଅଭିଯୋଗରେ ତୃତୀୟ କେସ ରୁଜୁ ହୋଇଛି। ମୋଟ ୩ଟି କେସର ତଦନ୍ତ କରିବା ସହ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ।

# ରାଜଧାନୀ ଜଳାର୍ଣ୍ଣବ

**ଭୁବନେଶ୍ୱର,୮।୧୦(ମହାଭାରତ):** ଆଜି ପ୍ରାୟ ଦିନ ୧୨ଟା ପରଠାରୁ ଦୀର୍ଘ ୩ ଘଣ୍ଟା ଧରି ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ଘଡ଼ଘଡ଼ି ସାଙ୍ଗକୁ ବାଦଲଫଟା ବର୍ଷା ସମଗ୍ର ଭୁବନେଶ୍ୱରକୁ ଦୀର୍ଘ ସମୟ ଧରି ଉବୁଟୁବୁ କରିଦେଇଥିଲା। ବହୁ ସ୍ଥାନରେ ସରକାରୀ କ୍ୱାର୍ଟରଗୁଡିକ ସମେତ ରାସ୍ତାକଡ଼ରେ ଥିବା ଦୋକାନ ଗୁଡିକ ମଧ୍ୟରେ ବର୍ଷା ଜଳ ବନ୍ୟା ଜଳ ପରି ଲହଡ଼ି ମାରି ଜନଜୀବନକୁ ପ୍ରାୟ ୩ ଘଣ୍ଟା କାଳ କଲବଲ କରିଦେଇଥିଲା। ବର୍ଷା ସାଙ୍ଗକୁ ପ୍ରଚଣ୍ଡ ଶବ୍ଦରେ ଘଡ଼ଘଡ଼ି ମଧ ସାଧାରଣରେ ଆତଙ୍କ ସୃଷ୍ଟି କଲା ଭଳି ପରିସ୍ଥିତି ହୋଇଯାଇଥିଲା। ଅପରାହ୍ନ ପ୍ରାୟ ୩ଟାବେଳକୁ ବର୍ଷା ଛାଡ଼ିଥିଲେ ମଧ ରାସ୍ତାଘାଟ ଓ ତଳିଆ ଅଞ୍ଚଳରେ ବହୁ ସମୟ ଧରି ବର୍ଷା ଜଳ ଜମି ରହିବା ପରେ ସହରରେ ସ୍ୱାଭାବିକ ଜୀବନଯାତ୍ରା ଆରମ୍ଭ ହୋଇଥିଲା। ରାଜଧାନୀରେ ବସବାସ କରୁଥିବା ଲୋକମାନେ ଦୀର୍ଘ ୪ /୫ ଘଣ୍ଟା କାଳ ଏକପ୍ରକାର ଜଳବନ୍ଦୀ ଅବସ୍ଥାରେ ରହିଥିଲେ। କିନ୍ତୁ ଏଭଳି ବାଦଲଫଟା ବର୍ଷା ପୂର୍ବରୁ କେବେ ଦେଖାଯାଇନଥିଲା। ଯେଉଁଆଡ଼େ ଚାହିଁବ ସବୁଆଡ଼େ ବନ୍ୟା ମାଡ଼ି ଆସିବା ଭଳି ବର୍ଷା ଜଳର ସ୍ରୋତ ଦେଖିବାକୁ ମିଳିଥିଲା। ଅବଶ୍ୟ ଏତେବଡ଼ ବର୍ଷା ବିପ୍ୱାତରେ ସେଭଳି କୌଣସି ଦୁର୍ଘଟଣା ଘଟିଥିବା ଖବର ମିଳିନାହିଁ।

ବୁଧବାର ମଧ୍ୟାହ୍ନରେ ଭୁବନେଶର ଆକାଶରେ ହଠାତ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଏହା ପରେ ଆରମ୍ଭ ହୋଇଛି ବିଜୁଳି ଏବଂ ଘଡଘଡି ସହ ବର୍ଷା। ବର୍ଷା ସହ ପବନ ମଧ ହେଉଛି। ବର୍ଷା ପରେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଇଛି।



ଆଜି ସକାଳେ ଖରା ପାଗ ହୋଇଥିଲା। କିନ୍ତୁ ଦିନ ପ୍ରାୟ ସାଢେ ୧୨ ଟା ପରେ ହଠାତ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ଦୀର୍ଘ ଦୁଇଣ୍ଟା ଧରି ବର୍ଷାରେ ରାଜଧାନୀର ମୁଖ୍ୟରାସ୍ତା ଜଳାର୍ଣ୍ଣବ ହୋଇଯାଇଥିଲା। ପାଣି ଜମିରହିଥିବାରୁ ରାସ୍ତାରେ ଗାଡ଼ି ଓ ବସ୍ ଚଳାଚଳ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଯାହାଫଳରେ କିଛି ସମୟ ପାଇଁ ସହରରେ ଟ୍ରାଫିକ୍ ସମସ୍ୟା ମଧ ସୃଷ୍ଟି ହୋଇଥିଲା। ପାଣି ଜମି ରହିଥିବା ରାସ୍ତାଗୁଡ଼ିକରେ ଯାତାୟାତ ଅଧିକ କଷ୍ଟକର ହୋଇପଡ଼ିଥିଲା।

ଜୟଦେବ ବିହାର ଏବଂ ସିଆରପିଏଫ୍ ସ୍କୋୟାର ମଧ୍ୟରେ ଜାତୀୟ ରାଜପଥ-୧୬ ଓ ମାଷ୍ଟର କ୍ୟାଣ୍ଟିନରୁ ରାଜମହଲ ସ୍କୋୟାର ଏବଂ ୟୁନିଟ୍-୧ ମାର୍କେଟକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ ପ୍ରବଳ ଭିଡ଼ ସୃଷ୍ଟି ହୋଇଥିଲା। ଆବାସିକ ଅଞ୍ଚଳ ଏବଂ ମାର୍କେଟ ଗୁଡିକ ମଧ ଆଂଶିକ ଭାବରେ ଜଳମଗ୍ନ ହୋଇପଡ଼ିଥିଲା। ଜନପଥ, ବମିଖାଲ, ରାଜମହଲ ଭଳି ସ୍ଥାନରେ ଭୟଙ୍କର ସ୍ଥିତି ଉପୁଜିଥିଲା ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ଏଭଳି ବର୍ଷା ବିପର୍ଯ୍ୟୟ ହୋଇଥିବା କୁହାଯାଉଛି। ପୁଣି ଆସନ୍ତା ୧୦ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଦ୍ୱାରା ଆଗାମୀ ୪ ରୁ ୫ ଦିନ ରାଜ୍ୟରେ ବର୍ଷା ଲାଗିରହିବ। ବିଶେଷକରି ଉପକୂଳ ଓ ଉତ୍ତର-ଅଭ୍ୟନ୍ତରୀଣ ଓଡ଼ିଶାରେ ତୀବ୍ରତା ଅଧିକ ରହିପାରେ, ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ପ୍ରଭାବ ଜାରି ରହିବ ବୋଲି ପାଣିପାଗ ସୂତ୍ରରୁ ଜଣାପଡିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ଯାଏଁ ୨୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମାଲକାନଗିରି, କୋରାପୁଟ, ଖୋର୍ଦ୍ଧା, ପୁରୀ , କଟକ , କେନ୍ଦ୍ରାପଡା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଲାଞ୍ଚ ନେଇ ଧରାପଡ଼ିଲେ ଆଉ ଜଣେ ଓଏଏସ୍

**ଗଞ୍ଜାମ,୮।୧୦(ମହାଭାରତ):** ଭିଜିଲାନ୍ସ ଜାଲରେ ପଡିଛନ୍ତି ଆଉ ଜଣେ ଓଏଏସ୍ ଅଧିକାରୀ। ଗଞ୍ଜାମ ବେଲଗୁଣ୍ଠା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ



ବନମାଳୀ ଶତପଥୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡ଼ିବସିଲା ଭିଜିଲାନ୍ସ । ଜଣେ କର୍ମଚାରୀଙ୍କ ରିଲିଜ ଅର୍ଡର ଓ ଏରିୟର କରାଇଦେବାକୁ ଲାଞ୍ଚ ନେଉଥିଲେ। ଲାଞ୍ଚ ନେଇ ଧରାପଡ଼ିବା ପରେ ବନମାଳୀଙ୍କ ୩ଟି ସ୍ଥାନରେ ରେଡ୍ ଚାଲିଛି । ବନମାଳୀଙ୍କ ଆୟ ବର୍ହିଭୁତ ସମ୍ପତ୍ତି ଯାଞ୍ଚ କରୁଛି ଭିଜିଲାନ୍ସ ।ସୂଚନା ଅନୁଯାୟୀ ବନମାଳୀଙ୍କ ଅଫିସ୍, କ୍ୱାର୍ଟର ଓ କବିସୂର୍ଯ୍ୟନଗର ଠାରେ ଥିବା ଦୁଇଟି ବାସଭବନରେ ରେଡ୍ ଚାଲିଛି । ଜଣେ ଡିଏସ୍‌ପି, ଜଣେ ଇନ୍ସପେକ୍ଟର ଓ ୨ ଜଣ ଜଣ ଏଏସ୍‌ଆଇ ମିଶି ୮ ଜଣିଆ ଟିମ୍ ତଦନ୍ତ ଜାରି ରଖିଛି।



# ଜୀବନଚର୍ଯ୍ୟା





# କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ- ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



····· ପରଦା ଖବର ······

# ବିବାହ ବନ୍ଧନରେ ବାନ୍ଧି ହେଲେ ସାରା ଖାନ





ଟିଭିର ପପୁଲାର ଅଭିନେତ୍ରୀ ଏବଂ ବିଗ୍ ବସ୍ ୪ ପ୍ରତିଯୋଗୀ ସାରା ଖାନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ଅକ୍ଟୋବର ୬ ତାରିଖରେ ପ୍ରଯୋଜକ-ଅଭିନେତା କ୍ରିଷ ପାଠକଙ୍କ ସହ କୋର୍ଟ ମ୍ୟାରେଜ୍ କରିଥିଲେ । ଏହା ସାରା ଖାନଙ୍କର ଦ୍ୱିତୀୟ ବିବାହ, କାରଣ ସେ ପୂର୍ବରୁ ବିଗ୍ ବସ୍ ଘର ଭିତରେ ଅଲି ମର୍ଚ୍ଚା□ଙ୍କୁ ବିବାହ କରିଥିଲେ, ଏହି ବିବାହ ମାତ୍ର ଦୁଇ ମାସ ଚାଲିଥିଲା ।ଏଥିସହ ଜାଣିରଖନ୍ତୁ ଯେ, ସାରା ଖାନ ସୋସିଆଲ ମିଡିଆରେ ଫଟୋ ସେୟାର କରି ତାଙ୍କ ପ୍ରଶଂସକଙ୍କ ସହ ଏହି ଖୁସି ଖବର ସେୟାର କରିଛନ୍ତି । ଫଟୋ ସେୟାର କରି ସାରା ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ ଡିସେମ୍ବରରେ ଧୂମଧାମରେ ବିବାହ ହେବ ।ଏଥିସହ ସାରା ଖାନଙ୍କ ସ୍ୱାମୀ କ୍ରିଶ ପାଠକ ଅନେକ ଟିଭି ଶୋ’ ରେ ଦେଖାଦେଇଛନ୍ତି । ସେ ମଧ ସୁନୀଲ ଲାହିରୀଙ୍କ ପୁଅ, ଯିଏ ରାମାନନ୍ଦ ସାଗରଙ୍କ ରାମାୟଣରେ ଲକ୍ଷ୍ମଣ ଭୂମିକାରେ ଅଭିନୟ କରିଥିଲେ ।ସାରା ତାଙ୍କ ବିବାହ ବିଷୟରେ ସ୍ପଷ୍ଟ ଭାବରେ କହିଥିଲେ । ଅଭିନେତ୍ରୀ କହିଛନ୍ତି ଯେ, ‘ଯେବେଠାରୁ ମୁଁ କ୍ରିଷଙ୍କ ସହିତ ରହିବା ଆରମ୍ଭ କଲି, ମୁଁ ତାଙ୍କ ସ୍ତ୍ରୀ ପରି ଅନୁଭବ କରିବାକୁ ଲାଗିଲି । କିନ୍ତୁ କୋର୍ଟ ମ୍ୟାରେଜର ଅଭିଜ୍ଞତା କିଛି ଅଲଗା ଥିଲା । ମୋ ମନରେ ଖୁସି ଭରିଗଲା ।

## ରାତିରେ ପନିର ସେବନ କରିବା ଉଚିତ କି ଅନୁଚିତ



ପନିର ପ୍ରୋଟିନର ଏକ ଉତ୍ତମ ସ୍ରୋତ। ମାତ୍ର ରାତି ସମୟରେ ପନିର ଖାଇବା ଉଚିତ କି ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡିଥାଏ। ଜାଣନ୍ତୁ..

ରାତିରେ ପନିର ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ରାତିରେ ପନିର ଖାଇବା ଦ୍ୱାରା ପେଟ ଫୁଲିବା ଓ ପେଟ ବଢିବା ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ଅଧିକ ପନିର ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟେରୋଲ୍ ସ୍ତର ବୃଦ୍ଧି ହୋଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ ଦେଖାଦିଏ।

ରାତିରେ ପନିର ଖାଇବା ଦ୍ୱାରା ଶରୀରରେ ଫ୍ୟାଟ୍ ବଢିଥାଏ। ଫଳରେ ମୋଟାପଣ ମଧ ବୃଦ୍ଧି ହୋଇଥାଏ।

ପନିର ଖାଇବା ଦ୍ୱାରା ରାତିରେ ପାଚନ ସମସ୍ୟା ସୃଷ୍ଟି ହୋଇ ନିଦରେ ମଧ ପ୍ରଭାବ ପକାଇଥାଏ। ଫଳରେ ରାତିରେ ସଠିକ ଭାବେ ନିଦ ହୋଇନଥାଏ। ରାତିରେ ପନିର ଖାଇବା ଦ୍ୱାରା ଗ୍ୟାଷ୍ଟିକ ସମସ୍ୟା ମଧ ସୃଷ୍ଟି ହୋଇଥାଏ ।ଅଧିକ ପନିର ସେବନ କରିବା ଦ୍ୱାରା ମାନ୍ଦା ଅନୁଭବ ହୋଇଥାଏ।

# ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି’

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି’ ମଧ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା’ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା ’ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି’ ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି’ ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?



**ବ୍ଲୁ ଟି ’ ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା ’ପିଇପାରିବେ। ବ୍ଲୁ ଟି ’ ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି ’ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉତ୍ତତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

# ‘ଶ୍ରୀକୃଷ୍ଣ ତୁମେ ମିଥ୍ୟାବାଦୀ’



ଦିନେ ଶ୍ରୀକୃଷ୍ଣ ରାମେଶ୍ୱର କୁଣ୍ଡର ଉତ୍ତର କୂଳରେ ଶ୍ରୀରାଧିକା ଓ ଗୋପୀମାନଙ୍କ ସହିତ ଗଛ ଛାଇରେ ବସି ରାସ କରୁଥିଲେ। ସେହି ସମୟରେ ତାଙ୍କ ରୂପରେ ଆକର୍ଷିତ ହୋଇ ନିକଟରେ ଥିବା କିଛି ବାନର(ମାଙ୍କଡ଼) ଗଛରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣାମ କରି ନାଚିବା ଏବଂ ଡେଇଁବା ଆରମ୍ଭ କଲେ। ପୁଷ୍କରିଣୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗଛରୁ ଓହ୍ଲାଇ ଦୀର୍ଘ ସମୟ ଡେଇଁବା ପରେ ଅନେକ ବାନର ତାଙ୍କ ଚରଣ ନିକଟରେ ପହଞ୍ଚିଥିଲେ । ଭଗବାନ କୃଷ୍ଣ ସେହି ବାନରମାନଙ୍କର ବୀରତ୍ୱର ପ୍ରଶଂସା କରିବା ଆରମ୍ଭ କଲେ।

ଏହି ଆଶ୍ଚର୍ଯ୍ୟଜନକ ଲୀଳା ଦେଖି ଗୋପୀମାନେ ମଧ ମନ୍ତ୍ରମୁଗ୍ଧ ହୋଇଗଲେ। ସେମାନେ ମଧ ପ୍ରଭୁ ରାମଚନ୍ଦ୍ରଙ୍କ ଚମତ୍କାର ଲୀଳା ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରି କହିଥିଲେ ଯେ ଶ୍ରୀରାମଚନ୍ଦ୍ର ମଧ ବାନରମାନଙ୍କ ସାହାଯ୍ୟ ନେଇଥିଲେ। ସେତେବେଳେ ଲଳିତା ନାମକ ଜଣେ ଗୋପୀ କହିଥିଲେ- ଆମେ ଶୁଣିଛୁ ଯେ ମହାପରାକ୍ରମୀ ହନୁମାନ ତ୍ରେତୟା ଯୁଗରେ ଗୋଟିଏ ଲମ୍ଫ ଦେଇ ସମୁଦ୍ର ପାର ହୋଇଥିଲେ। କିନ୍ତୁ ଆଜି ଆମେ ଦେଖୁଛୁ ଯେ ବାନରମାନେ ମଧ୍ୟ ଏକ ଲମ୍ଫରେ ଏହି ପୁଷ୍କରିଣୀ ଅତିକ୍ରମ କରୁଛନ୍ତି ।

ଏହା ଶୁଣି କୃଷ୍ଣ ଗର୍ବର ସହିତ କହିଲେ- ତୁମେ ଜାଣ! ମୁଁ ହିଁ ତ୍ରେତୟା ଯୁଗରେ ଶ୍ରୀରାମ ଥିଲି, ମୁଁ ହିଁ ରାମ ରୂପରେ ସମସ୍ତ ଲୀଳା ପ୍ରଦର୍ଶନ କରିଥିଲି। କିନ୍ତୁ ଲଳିତା ଶ୍ରୀରାମଚନ୍ଦ୍ରଙ୍କ ଅଦ୍ଭୁତ ଲୀଳାକୁ ପ୍ରଶଂସା କରିବା ସହ କହିଥିଲେ, ଟିକେ ହସି କହିଥିଲେ, ଶ୍ରୀକୃଷ୍ଣ ତୁମେ ଜଣେ ମିଥ୍ୟାବାଦୀ, ତୁମେ କଦାପି ରାମ ନ ଥିଲ... ଏପରି ସାହସିକତା ତୁମ ପାଇଁ ସମ୍ଭବ ନୁହେଁ। ଶ୍ରୀକୃଷ୍ଣ ସ୍ମିତହାସ୍ୟ ଦେଇ କହିଲେ - ତୁମେ ଏହାକୁ ବିଶ୍ୱାସ କରିପାରିବ ନାହିଁ, କିନ୍ତୁ ମୁଁ ଶ୍ରୀରାମ ରୂପ ନେଇ ଜନକପୁରୀରେ ଶିବଙ୍କ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲି। ପିତାଙ୍କ ଆଦେଶ ଅନୁଯାୟୀ, ଧନୁ ଏବଂ ତୀର ଧାରଣ କରି ସୀତା ଏବଂ ଲକ୍ଷ୍ମଣଙ୍କ ସହ ଚିତ୍ରକୁଟ ଏବଂ ଦଣ୍ଡକାରଣ୍ୟ ଯାତ୍ରା କରି ସେଠାରେ ଥିବା ଅତ୍ୟାଚାରୀ ଦୈତ୍ୟମାନଙ୍କୁ ବିନାଶ କରିଥିଲି। ତା’ପରେ ସୀତାଙ୍କ ବିରହ ମଧରେ ଏ ବନରୁ ସେ ବନ ବୁଲି ପୁନର୍ବାର ବାନରମାନଙ୍କ ସାହାଯ୍ୟରେ ରାବଣ ସହିତ ଲଙ୍କାପୁରୀ ଧ୍ୱଂସ କରି ଅଯୋଧ୍ୟାକୁ ଫେରିଥିଲି।

ମୁଁ ଏହି ଯୁଗରେ ଗୋପାଳ ରୂପ ଧାରଣ କରି ବଂଶୀ ବଜାଇ ଗୋଚାରଣ କରି ଜଙ୍ଗଲରୁ ଜଙ୍ଗଲ ବୁଲିଛି। ଏହି ସମୟରେ ମୁଁ ପ୍ରିୟତମା ଶ୍ରୀରାଧିକାଙ୍କ ଏବଂ ତୁମ ଗୋପୀମାନଙ୍କ ସହିତ ବିନୋଦ କରୁଛି । ମୋର ରାମ ଅବତାରରେ ଧନୁ ଏବଂ ତୀରର ଟଙ୍କାରରେ ତ୍ରିଲୋକ ଥରି ଉଠୁଥିଲା। କିନ୍ତୁ ବର୍ତ୍ତମାନ ମୋର ମଧୁର ବେଣୁନାଦରେ ସମସ୍ତ ପ୍ରାଣୀ ଉନ୍ମତ୍ତ ହେଉଛନ୍ତି। ଲଳିତା ଶୁଣି ହସିଲେ ଏବଂ କହିଲେ - ଆମେ କେବଳ ଖାଲି ଶବ୍ଦ ସହିତ ବିଶ୍ୱାସ କରିପାରିବୁ ନାହିଁ, ଯଦି ଆମକୁ ଶ୍ରୀରାମଙ୍କ ପରି କିଛି ପରାକ୍ରମ ଦେଖାଇ ପାରିବ, ତେବେ ଆମେ ବିଶ୍ୱାସ କରିପାରିବୁ। ଲଳିତାଙ୍କ କଥା ଶୁଣି ଶ୍ରୀକୃଷ୍ଣ ବେଣୁ ଧ୍ୱନି ଦ୍ୱାରା କ୍ଷଣମାତ୍ରକେ ସମସ୍ତ ବାନରମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ପ୍ରସ୍ତର ଶିଳା ମାଧ୍ୟମରେ ସେହି ପୁଷ୍କରିଣୀ ଉପରେ ସେତୁ ବାନ୍ଧିବା ପାଇଁ ଆଦେଶ ଦେଲେ। ଶ୍ରୀକୃଷ୍ଣଙ୍କ ଆଦେଶରେ ଦେଖୁ ଦେଖୁ ହଜାର ହଜାର ବାନର ବହୁ ଉତ୍ସାହର ସହିତ ଦୂର ସ୍ଥାନରୁ ପଥର ଆଣି ସେତୁ ନିର୍ମାଣ ଆରମ୍ଭ କଲେ। ସେହି ବାନରମାନେ ଆଣିଥିବା ପଥରଗୁଡ଼ିକ ଦ୍ୱାରା ଶ୍ରୀକୃଷ୍ଣ ନିଜ ହାତରେ ସେତୁ ନିର୍ମାଣ କରିଥିଲେ। ସେତୁ ଆରମ୍ଭରେ ଶ୍ରୀକୃଷ୍ଣ ପୁଷ୍କରିଣୀର ଉତ୍ତର ଦିଗରେ ନିଜର ପ୍ରିୟ ଭଗବାନ ରମେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ମଧ କରିଥିଲେ।

# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଭବିଷ୍ୟତ ପିଢ଼ି ପାଇଁ 'ପୁନଷ୍ଟ ପୃଥିବୀ' ଏକ ଜନ ଆନ୍ଦୋଳନ ହେଉ : ରାଜ୍ୟପାଳ



**ଭୁବନେଶ୍ୱର,୮।୧୦ (ମହାଭାରତ):** ଭବିଷ୍ୟତ ପିଢି ପାଇଁ ପୁନଷ୍ଟ ପୃଥିବୀ ଏକ ଜନ ଆନ୍ଦୋଳନରେ ପରିଣତ ହେଉ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମ୍ ।ଟି କହିଛନ୍ତି। ଚଳିତ ଅକ୍ଟୋବର ୦୮ ତାରିଖ ଦିନ ଭୁବନେଶ୍ୱରଠାରେ ସମ୍ବାଦ ଗ୍ରୁ ଆନୁକୂଲ୍ୟରେ ଆୟୋଜିତ 'ପୁନଷ୍ଟ ପୃଥିବୀ' ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆଜି ଆମେ ସମୟର ଏକ ନିର୍ଣ୍ଣାୟକ ମହୁ ??ୂର୍ରେ ଛିଡ଼ା ହୋଇଛେ। ଜଳବାୟୁ ପରିବ ??ର୍ନ ଏକ ଜୀବନ୍ତ ବାସ୍ତବତା ହୋଇଛି। ବୃଦ୍ଧି ପାଉଥିବା ତାପମାତ୍ରା, ଅନିୟମିତ ବର୍ଷା ଏବଂ ପରିବେଶଗତ ଅସନ୍ତୁଳନ ଆମର ବଂଚିବାଶୈଳୀ ଏବଂ ଉତ୍ପାଦନକୁ ପୁନଃ ଆକାର ଦେଉଛି। ତଥାପି ଏପରି ଆହ୍ୱାନ ମଧ୍ୟରେ ବିକାଶକୁ କେବଳ ଅଭିବୃଦ୍ଧି ଭାବରେ ନୁହେଁ ବରଂ ସନ୍ତୁଳନ, ସମାନତା ଏବଂ ନବୀକରଣ ଦିଗରେ ଏକ ସହଭାଗୀ ଯାତ୍ରା ଭାବରେ ପୁନଃ କଳ୍ପନା କରିବାର ଏକ ସୁଯୋଗ ରହିଛି। 'ପୁନଷ୍ଟ ପୃଥିବୀ' ସମ୍ମିଳନୀ ଏକ ଶକ୍ତିଶାଳୀ ବା ??ର୍ା ବହନ କରେ ଯେ, ଆର୍ଥିକ ଅଭିବୃଦ୍ଧି ଏବଂ ପରିବେଶଗତ ପରିଚାଳନା ଏକ ସଙ୍ଗରେ ଯିବା ଉଚିତ୍। ଆମର ସାମୁହିକ ଭବିଷ୍ୟତ ବିକାଶ ଏବଂ ପ୍ରକୃତି ମଧ୍ୟରେ ଆମେ ନିର୍ମାଣ କରୁଥିବା ସନ୍ତୁଳନ ଉପରେ ନିର୍ଭର କରେ। ପରିବେଶଗତ ଅବକ୍ଷୟ ସହିତ ଜଡ଼ିତ ଏକ ବିଶ୍ୱରେ ଗଣମାଧ୍ୟମର କେବଳ ସୂଚନା ଦେବା ନୁହେଁ, ବରଂ କାର୍ଯ୍ୟକୁ ପ୍ରେରଣା ଦେବାର ଏକ ଗୁରୁତ୍ୱୂର୍ଣ୍ଣ ଭୂମିକା ରହିଛି। ସମ୍ବାଦ ଗ୍ରୁ ଏ କ୍ଷେତ୍ରରେ ଯୁବ ପିଢିକୁ ଏକ ସବୁଜ ଆସନ୍ତା କାଲି ପାଇଁ ଚିନ୍ତା କରିବା, କାର୍ଯ୍ୟକରିବା ଏବଂ ନବସୃଜନ ନିମନ୍ତେ ପ୍ରେରଣାଦାୟକ ସାଜିଛି। 'ପୁନଷ୍ଟ ପୃଥିବୀ' ପ୍ରୟାସ କେବଳ ଏକ ପରିବେଶ ଗତ କାର୍ଯ୍ୟକ୍ରମ ନୁହେଁ ବରଂ ସାମୁହିକ ପରିବ ??ର୍ନ ପାଇଁ ଏକ ଆହ୍ୱାନ। ଗୋଷ୍ଠୀ ନେତୃତ୍ୱାଧିନ କର୍ମଶାଳା, ସହଯୋଗପୂର୍ଣ୍ଣ ନବ ସୃଜନ କାର୍ଯ୍ୟକ୍ରମ ଏବଂ ରାଜ୍ୟ ବ୍ୟାପୀ ଅଗ୍ରଣୀ ଜଳବାୟୁ ପଂଚାୟତ ମାଧ୍ୟମରେ ନାଗରିକ ଏବଂ ସେମାନଙ୍କ ପ୍ରତିନିଧିମାନଙ୍କୁ ପରିବେଶ ଗତ ସ୍ଥିରତା ପାଇଁ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ସମାଧାନର ପନ୍ଥା ପ୍ରସ୍ତୁତ କରିବାକୁ ଏକତ୍ରିତ କରେ ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ଓଡ଼ିଶାର ଅନନ୍ୟ ପରିବେଶ, ସକ୍ଷମ ଲୋକ ଶକ୍ତି ଏବଂ ପ୍ରକୃତି ସହିତ ଜଡ଼ିତ ସଂସ୍କୃତି ଦର୍ଶାଇ ଥାଏ ଯେ, ପ୍ରଗତି ଏବଂ ସଂରକ୍ଷଣ ସହାବସ୍ଥା ନ କରି ପାରିବେ। ବିଶ୍ୱ ଜଳବାୟୁ ପରିବ ??ର୍ନର ସମ୍ମୁଖୀ ।ନ ହେଉଥିବା ବେଳେ ଓଡ଼ିଶା ସବୁଜ ନବସୃଜନର ନେତୃତ୍ୱ ନେଇପାରିବ। ସରକାର ନବସୃଜନଶୀଳ ଶକ୍ତି, ବି ର୍ଯ୍ୟୟ ପରିଚାଳନା, ଉପକୂଳ ସୁରକ୍ଷା ଏବଂ ସ୍ଥାୟୀ ଜୀବିକା ମାଧ୍ୟମରେ ଜଳବାୟୁ ସ୍ଥିରତା ଦିଗରେ ପ୍ରୋତ୍ସାହିତ କରୁଛନ୍ତି। ବ୍ୟକ୍ତି, ଉଦ୍ୟୋଗୀ ଓ ଗୋଷ୍ଠୀ ସକ୍ରିୟଭାବେ ଅଂଶ ଗ୍ରହଣ କଲେ ଜଳବାୟୁ ସ୍ଥିରତା ଅଭିଯାନ ସଫଳ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଯୁବ ପିଢି କେବଳ ପୃଥିବୀର ଉ ? ?ରାଧିକାରୀ ନୁହେଁ, ବରଂ ରକ୍ଷକ ସାଜି ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ଆଗେଇ ଆସବି ।କୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଇଷ୍ଟର୍ଣ୍ଣ ମିଡ଼ିଆ ଲି.ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଜଂନ ପଟ୍ଟନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ 'ପୁନଷ୍ଟ ପୃଥିବୀ' ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଦଶ ଜଣ ବ୍ୟକ୍ତିଙ୍କୁ ପରିବେଶ ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା।

### ପୋଲିସ୍ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ପ୍ରସଙ୍ଗ

# ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜେଡି

**ଭୁବନେଶ୍ୱର,୮।୧୦ (ମହାଭାରତ):** ପୋଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନେ୍ଦାଳନ କରାଯିବ ବୋଲି ଆଜି ଦଳ ତରଫରୁ ଘୋଷଣା କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ କହିଛନ୍ତି, କ୍ୟାସ୍ ଫର୍ ଜବ୍ ସ୍କାମ୍ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ତେଣୁ ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ଆମେ ସିବିଆଇ ତଦନ୍ତ ଦାବି କରିଛୁ । କିନ୍ତୁ, ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡ ମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରୀମଣ୍ଡଳର ସଦସ୍ୟଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ, କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ, ସେହି କାମରେ ବ୍ୟସ୍ତ ଅଛି । ରାଜ୍ୟ ସରକାରଙ୍କ ପ୍ରାୟଜନରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାଇତ୍ୱ ଦିଆଯାଇଥିଲା । ଓପିଆରବି କେଉଁ ନିୟମରେ, ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା, ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି । ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟ କେନ୍ଦ୍ରରେ ପରିଣତ କରିଛି । ତେଣୁ ସିବିଆଇ ତଦନ୍ତ ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଛାତ୍ର ଜନତା ଦଳ । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନେ୍ଦାଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ।



ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ, ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି ।

### ପୁରୀ ସ୍ଥିତ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ ହେବ ସଂଗ୍ରହାଳୟ

# ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୮।୧୦ (ମହାଭାରତ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମିଳନୀ କକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଥିଲା ।

ବୈଠକର ନିଷ୍ପତି ଅନୁଯାୟୀ ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ "ପାଥେର ପୁରୀ"ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ "ଥିମ୍ ପାଭିଲିୟନ୍" ନିର୍ମାଣ କରାଯିବ। ଇଣ୍ଡୋନେସିଆକୁ ଚଳିତ ବର୍ଷ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ଆମନ୍ତ୍ରିତ କରାଯିବ। ଦକ୍ଷିଣ ଏସିଆର କେତକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ନିମନ୍ତେ ମଧ୍ୟ ଅନୁରୋଧ କରାଯିବ ।

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ସହାୟତା ପ୍ରଦାନ ପରେ କେନ୍ଦ୍ରାପଡ଼ାର ମହାକାଳପଡ଼ାର ବିଧାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ଆର୍ଥିକ ସହାୟତା ରାଶି ଯୋଗାଇଦିଆଯିବ।

ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। କେନ୍ଦ୍ରାପଡ଼ା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ଗ୍ରହଣ କରିବ। ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି।

# ଖଣି ପ୍ରଭାବିତ ଗ୍ରାମରେ ଶତ ପ୍ରତିଶତ ସୁବିଧା ଉପଲବ୍ଧ କର

**ଭୁବନେଶ୍ୱର,୮।୧୦ (ମହାଭାରତ):** ଓଡ଼ିଶା ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗ ଦ୍ୱାରା ୩୯ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ)ର କାର୍ଯ୍ୟ ଏବଂ ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡା ଜିଲ୍ଲାରେ ଡିଏମଏଫ୍ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସଂପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କିତ ସମକାଳୀନ ମୂଲ୍ୟାଙ୍କନ (କନକରେ ଇଭାଲୁଏସନ)ର ଫଳାଫଳ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ, ଯାଜପୁର ଏବଂ ଝାରସୁଗୁଡାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନର କାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟକାରିତା ସମକାଳୀନ ମୂଲ୍ୟାଙ୍କନ ଦର୍ଶାଉଛି ଯେ, ଓଡିଶାରେ ଖଣି ପ୍ରଭାବିତ କ୍ଷେତ୍ରରେ ସମାବେଶୀ ବିକାଶ ପାଇଁ ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥା ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟର ଡିଏମଏଫ୍ ଜିଲ୍ଲାମାନଙ୍କରେ ମୋଟ ୩୨,୦୦୦ରୁ ଅଧିକ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ତନ୍ମଧ୍ୟରୁ ୧୩,୨୪୪ଟି ପ୍ରକଳ୍ପ ଏବଂ ଗ୍ରାମର ନମୂନା ଅଧ୍ୟୟନ ଓ ମୂଲ୍ୟାଙ୍କନ ପାଇଁ ନିଆଯାଇଥିଲା ଏସବୁ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପାନୀୟ ଜଳ, ଭିତ୍ତିଭୂମି ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସଂସାଧନ ଅଭାବକୁ ଦୂରକରିବା କ୍ଷେତ୍ରରେ କେନ୍ଦ୍ରିତ ଥିଲା ମୂଲ୍ୟାଙ୍କନରେ ଦେଖାଯାଇଛି ଯେ, ପାଇପ ଜଳ ଯୋଗାଣ, ରାସ୍ତା, ସ୍ୱାସ୍ଥ୍ୟ ସୁବିଧା ଏବଂ କୌଶଳ ବିକାଶ କାର୍ଯ୍ୟକ୍ରମ ଭଳି ନିବେଶରୁ ଉଚ୍ଚ ସାମାଜିକ- ଆର୍ଥିକ ବିକାଶ ଫଳାଫଳ ମିଳୁଛି। ଖଣିଜ ପ୍ରଭାବିତ ଗ୍ରାମଗୁଡିକରେ ବିଶେଷ କରି ଶିକ୍ଷା ଓ ସ୍ୱଚ୍ଛତା (ପରିମଳ) ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟ ଉପରେ ଦୃଢ଼ ପ୍ରଭାବ ପକାଇବା ଦ୍ୱାରା ସେମାନେ ବିଶେଷ ଉପକୃତ ହୋଇଛନ୍ତି। ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ଖର୍ଚ୍ଚ ଅନୁପାତରେ ସୁଫଳ ମିଳିଥିବା ଯୋଗୁଁ ଡିଏମଏଫର କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ଦର୍ଶାଉଛି। ଏହି ଅବସରରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ କହିଛନ୍ତି ଏହି ମୂଲ୍ୟାଙ୍କନ ବ୍ୟବସ୍ଥା ଡିଏମଏଫ୍ ଜିଲ୍ଲାଗୁଡ଼ିକର ବିଭିନ୍ନ ଅଂଚଳରେ ଉତ୍ତମ ଅଭ୍ୟାସ ଚିହ୍ନଟ କରିବା ଏବଂ ଯେଉଁ କ୍ଷେତ୍ରରେ ଜିଲ୍ଲାଗୁଡ଼ିକ ଅଧିକ ସୁଦୃଢ଼ ହେବାର ଆବଶ୍ୟକତା ରହିଛି, ତାହା କାର୍ଯ୍ୟକାରୀ କରିବାରେ ସହାୟକ ହେବ। ରାଜ୍ୟ ସରକାର ଜିଲ୍ଲାଗୁଡ଼ିକୁ ପ୍ରକଳ୍ପ ତଥା ଗ୍ରାମଗୁଡ଼ିକରେ ତୃଣମୂଳସ୍ତରରୁ ସର୍ବେକ୍ଷଣ ପାଇଁ ଉତ୍ସାହିତ କରିବା ସହ ପ୍ରକଳ୍ପ ଯୋଜନାରେ ଏବଂ ରକ୍ଷଣାବେକ୍ଷଣକୁ ଅନ୍ତର୍ଭୁକ୍ତ କରିବା ଏବଂ ଡିଏମଏଫ୍ ପ୍ରତିଷ୍ଠାନ ସମୂହର ପଦକ୍ଷେପ ସଂପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଉତ୍ସାହିତ କରୁଛନ୍ତି। ପ୍ରକଳ୍ପ ଓ ବିଭିନ୍ନ ସୁବିଧା ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ସହାୟତା କରିବା ପାଇଁ ତଥ୍ୟ (ଡାଟା) ସିଷ୍ଟମ ଏବଂ ଅର୍ଥ ପ୍ରଦାନ ପ୍ରଣାଳୀରେ ମଧ୍ୟ ଅଧିକ ସୁଧାର ଅଣାଯିବ।



# ପ୍ଲାଂଟ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତିଗତ ସ୍ୱାସ୍ଥ୍ୟ ତାଲିମ କର୍ମଶାଳା



**ଭୁବନେଶ୍ୱର,୮।୧୦ (ମହାଭାରତ):** କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଥମ ଥର ପାଇଁ କାଜୁ କାରଖାନାମାନଙ୍କରେ ଶ୍ରମିକମାନଙ୍କ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ବିଷୟରେ ଏକ ଦିନିକିଆ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଭୁବନେଶ୍ୱର ସ୍ଥିତ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ହୋଇଥିଲା। ପୂର୍ବାହ୍ନ ସଭାରେ ମୁଖ୍ୟ ଅତିଥି ଇନ୍ଦ୍ରମଣି ତ୍ରିପାଠୀ,, ରାଜ୍ୟ ଶ୍ରମ କମିଶନର, କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଏବଂ ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ, ଉପସ୍ଥିତ ହୋଇ କର୍ମଶାଳାର ଉଦଘାଟନ କରିଥିଲେ। ସେ ତାଙ୍କ ଉଦବୋଧନରେ କହିଥିଲେ ଯେ, କାଜୁ କାରଖାନାମାନଙ୍କରେ ବୃତ୍ତିଗତ ସ୍ୱାସ୍ଥ୍ୟ ଆହ୍ୱାନପୂର୍ଣ ଥିବାରୁ ଉଭୟ ଶ୍ରମିକ ଏବଂ ପରିଚାଳନା କର୍ତୃପକ୍ଷ ଏହି କ୍ଷେତ୍ରରେ ଦାୟିତ୍ୱବାନ ଓ ସଚେତନ ହେଲେ ସୁରକ୍ଷା ସହିତ ବୃତ୍ତିଗତ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ସମ୍ଭବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଡଃ ମଳୟ କୁମାର ପ୍ରଧାନ, ଉପ ନିର୍ଦ୍ଦେଶକ (ସୁରକ୍ଷା), କାରଖାନା ନିୟମାବଳୀ ୧୯୫୦ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ ଡଃ ଜଗତଜୀବନ ପତି, ଅଧିକ୍ଷକ, ଇ.ଏସ.ଆଇ ହସ୍ପିଟାଲ, ଚୌଦ୍ୱାର; ଶ୍ରୀ ଚିତ୍ତରଞ୍ଜନ ବେଉରା, ଉପ ମୁଖ୍ୟ ନିର୍ଦ୍ଦେଶକ, ରାୟଗଡ଼ା ମଣ୍ଡଳ; ଏବଂ ଶ୍ରୀ ଅନିଲ କୁମାର ନନ୍ଦ, ସହକାରୀ ନିର୍ଦ୍ଦେଶକ, ସଦର ମହକୁମା କର୍ମଶାଳାର ସଫଳ ପରିଚାଳନା କରିଥିଲେ। ଅପରାହ୍ନ ସଭାରେ ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ମୋଟ ୬୦ ଜଣ ଅଂଶ ଗ୍ରହଣକାରୀ, କାଜୁ ପ୍ଲାଣ୍ଟ ମାଲିକ, ସୁପରଭାଇଜର ଏବଂ ଅପରେଟର ମାନଙ୍କୁ ରାଜ୍ୟ ଶ୍ରମ ସଂସ୍ଥାନ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ରାଜ୍ୟସ୍ତରୀୟ କର୍ମଶାଳା ମାଧ୍ୟମରେ ଶ୍ରମିକ ଓ ପରିଚାଳନା ମଧ୍ୟରେ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି ସହିତ ସୁରକ୍ଷିତ, ସ୍ୱାସ୍ଥ୍ୟକର ଓ ଉତ୍ପାଦନଶୀଳ କାର୍ଯ୍ୟ ପରିବେଶ ଗଠନ ପ୍ରତି ଅଂଗୀକାର ଓ ପ୍ରତିବଦ୍ଧତାକୁ ସୁଦୃଢ଼ କରାଯାଇଛି।

# ୱାର୍ଡ ପରିଦର୍ଶନ କଲେ ବିଏମ୍‌ସି କମିଶନର

**ଭୁବନେଶ୍ୱର,୮।୧୦ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ( ବିଏମ୍ସି)କମିଶନର ଚଂଚଳ ରାଣା ସୋମବାର ସକାଳୁ ୨୪ ନମ୍ବର ୱାର୍ଡ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ୱାର୍ଡରେ ଚାଲିଥିବା ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଡ୍ରେନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ । ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍ ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଆବଶ୍ୟକତା ବାବଦରେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । କମିଶନରଙ୍କ ଏହି କ୍ଷେତ୍ର ପରିଦର୍ଶନରେ ସ୍ଥାନୀୟ ଲୋକେ ବେଶ ଖୁସି ପ୍ରକଟ କରିବା ସହ ବିଏମ୍ ସିର କର୍ଯ୍ୟକୁ ପ୍ରସଂଶା କରିଛନ୍ତି । ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର । ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଦୀପକ ମିଶ୍ର, ଡେପୁଟି କମିଶନର ପରିମଳ, ଜୋନାଲ କମିଶନର, ବିଏମ୍ ସିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




# ପୋଲିସ୍‌କୁ ମାଡ ମାରି ୫ ଅଟକ

**ଭୁବନେଶ୍ୱର,୮।୧୦ (ମହାଭାରତ):** ରାଜଧାନୀରେ ପୋଲିସକୁ ମାଡ଼ ଅଭିଯୋଗ ହୋଇଛି । ତମାଣ୍ଡୋ ଥାନା ଅଂଚଳରେ ଅସଦାଚରଣ ଅଭିଯୋଗ ଖବର ପାଇ ଯାଇଥିବା ବେଳେ ପୋଲିସକୁ ମାଡ଼ ସହ ପିସିଆର ଭଙ୍ଗାରୁଜା ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । କଳିଙ୍ଗବିହାର କେ-୪ରେ ଯୁବତୀଙ୍କୁ ଅସଦାଚରଣ ନେଇ ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଥାନାରେ ଅଭିଯୋଗ ହୋଇଥିଲା । ଖବର ପାଇ ପିସିଆର ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକେ ଓ ଅଭିଯୋଗକାରୀଙ୍କ ପକ୍ଷରୁ ଉତ୍ୟକ୍ତ ଲୋକେ ପିସିଆର ଭାଙ୍ଗିବାକୁ ଉଦ୍ୟମ କରିବା ସହ ପୋଲିସ ଷ୍ଟାଫଙ୍କୁ ଆକ୍ରମଣ କରିବାକୁ ପଛାଇ ନଥିଲେ । ତୁରନ୍ତ ୩ଟି ପିସିଆର ଭ୍ୟାନ ସହ ଥାନା ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା । ଘର ମାଲିକ ଭଡାରେ ଥିବା ଯୁବତୀଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଥିଲା । ଘର ମାଲିକଙ୍କ ପରିବାର ଲୋକେ ଓଲଟା ଯୁବତୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି । ଭଡା ଟଙ୍କା ମାଗିବାରୁ ଯୁବତୀ ମିଛ ଅଭିଯୋଗ ଆଣିଥିବା ସେମାନେ କହିଥିଲେ । ଅନ୍ୟପଟେ ପୋଲିସକୁ ମାଡ଼ ମାରିବା ଅଭିଯୋଗରେ ତୃତୀୟ କେସ ରୁଜୁ ହୋଇଛି । ମୋଟ ୩ଟି କେସର ତଦନ୍ତ କରିବା ସହ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ ।



# ମୁଖ୍ୟ ବିଚାରପତିଙ୍କ ଉପରେ ଆକ୍ରମଣକୁ ସିପିଆଇ(ଏମ୍)ର ନିନ୍ଦା

**ଭୁବନେଶ୍ୱର,୮।୧୦ (ମହାଭାରତ):** ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପଲିଟ ବ୍ୟୁରୋ ଭାରତର ମୁଖ୍ୟ ବିଚାରପତି ବି ଆର୍ ଗବାଇଙ୍କ ଉପରେ ଜୋତା ଫିଙ୍ଗିବାର କାର୍ଯ୍ୟକୁ ଦୃଢ଼ ଭାବରେ ନିନ୍ଦା କରିଛି । ସମ୍ପୃକ୍ତ ଆଇନଜୀବୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସି.ପି.ଆଇ.(ଏମ୍) ଦାବି କରିଛି। ସିପିଆଇ ଏମ୍ ଅଭିଯୋଗ କରିଛି ଯେ ଖୋଲା କୋର୍ଟରୁମ୍ ରେ ମୁଖ୍ୟ ବିଚାରପତି ବି ଆର୍ ଗବାଇଙ୍କ ଉପରେ ଜୋତା ଫିଙ୍ଗାଯାଇଛି, ଏବଂ ସନାତନ ଧର୍ମର ସମର୍ଥନରେ ନାରା/ ସ୍ଲୋଗାନ ଦିଆଯାଇଛି । ବିଜେପିର ମୁଖ୍ୟମନ୍ତ୍ରୀମାନେ, ମନ୍ତ୍ରୀମାନେ ଏବଂ ନେତାମାନଙ୍କର ସାମ୍ପ୍ରତିକ କଥାଗୁଡ଼ିକ ଯାହାକି ଜାତିବାଦୀ, ମନୁବାଦୀ ଏବଂ ସାମ୍ପ୍ରଦାୟିକ ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଉଛି, ଏହିପରି କାର୍ଯ୍ୟକୁ ଉତ୍ସାହିତ କରିଛି । ଏହି ଘଟଣା ହିନ୍ଦୁତ୍ୱ ସାମ୍ପ୍ରଦାୟିକ ଶକ୍ତିମାନଙ୍କ ଦ୍ୱାରା ସମାଜରେ ଭର୍ତି କରାଯାଇଥିବା ମନୁବାଦୀ ଏବଂ ସାମ୍ପ୍ରଦାୟିକ ବିଷର ଆଉ ଏକ ଉଦାହରଣ । ଏହା ସଂଘ ପରିବାରରେ ଅସହିଷ୍ଣୁତା ଏବଂ ସେମାନଙ୍କ ଚିନ୍ତାଧାରା ସହିତ ମେଳ ଖାଉନଥିବା କୌଣସି ମତକୁ ଗ୍ରହଣ କରିବାକୁ ଅନିଚ୍ଛାର ପ୍ରତିଫଳନ କରୁଛି ।

# ରାଜ୍ୟର ସ୍ଥିତି ଗମ୍ଭୀର ଥିଲା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର: ବିଜେଡି

**ଭୁବନେଶ୍ୱର,୮।୧୦ (ମହାଭାରତ):** କଟକରେ ଉଦ୍ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ବିଜୁ ଜନତା ଦଳ କଡା ନିନ୍ଦା କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି ।

ଶ୍ରୀ ଦାସବର୍ମା କହିଛନ୍ତି ଯେ, ଭାଇଚାରାର ସହର କଟକରେ କେବେ ନଦେଖିବା ସ୍ଥିତି ଆଜି ଡବଲ ଇଂଜିନ ସରକାରରେ ଦେଖିବାକୁ ମିଳିଛି । ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗାରିମା ଆଜି ଭୂଲୁଣ୍ଠିତ ହୋଇଛି । ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନନେବା ଚିନ୍ତାଜନକ । ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ । ସର୍ବୋପରି ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନେ୍ଦାଳିତ କରିଛି । ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି ।

ସେହିପରି ଶ୍ରୀମତୀ ଛୁରିଆ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପର ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି । ସିନାପାଲିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍ଏସି ଘୋଷଣା କରିଥିଲେ । ତାଲିକାର ପ୍ରଥମ ପର୍ଯ୍ୟାୟରେ ସିନାପାଲିର ନାଁକୁ କାଟି ପୁଣି ବର୍ତ୍ତମାନ ଯୋଡିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି । ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ । ସେହିଭଳି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ରେ ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡା ବିଜୁ ଜନତା ଦଳର ଫୋକସରେ ରହିଆସିଛି । ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡିନଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ।

## ଚାକିରୀ ବିକ୍ରୀ

ଏସଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଏବଂ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହାକୁ ସ୍ଥଗିତ ରଖାଯାଇଛି। ଅଭିଯୋଗ ଯେ ଭିତ୍ତିହୀନ ସେ କଥା ନୁହେଁ। ଏହାର ଠୋସ ପ୍ରମାଣ ମଧ୍ୟ ମିଳିଛି। ଏଥିରେ ୧୧୮ଜଣଙ୍କୁ ଏବେ ସୁଦ୍ଧା ଗିରଫ କରାଗଲାଣି। ଏଥିରେ ବିଭିନ୍ନ ସ୍ତରର ବ୍ୟକ୍ତି ସମ୍ପୃକ୍ତ। ଜଣେ ଜଣେ ଆଶାୟୀ ପ୍ରାର୍ଥୀ ଏଥିଲାଗି ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେବାକୁ ଡିଲ କରିଥିଲେ ବୋଲି ସୂଚନା ମିଳିଛି। ଏହାର ତଦନ୍ତ ଦାୟିତ୍ୱ ଏବେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତରିତ ହୋଇଛି। କ୍ରାଇମବ୍ରାଞ୍ଚର ଜଣେ ଡିଏସପିଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଶା ଏହି ଦୁର୍ନୀତିର ମୂଳ ନିଶ୍ଚିତ ଭାବେ ଜଣାପଡ଼ିବ ଏବଂ ପରଦା ପଛର ଖଳନାୟକମାନେ ଧରାପଡ଼ିବେ। ଏହାକୁ ନେଇ ଏବେ ରାଜନୈତିକ ବାଦବିବାଦ ମଧ୍ୟ ଆରମ୍ଭ ହୋଇଛି। ବିରୋଧୀ ପକ୍ଷରୁ କିଏ ଏହାର ସିବିଆଇ ତଦନ୍ତ ଦାବି କରୁଛି ତ କିଏ ଏହାର ବିଚାରବିଭାଗୀୟ ତଦନ୍ତ ଦାବି କରୁଛି। କିନ୍ତୁ ଏହି ଦୁର୍ନୀତି ନୂଆ ନୁହେଁ। କେବଳ ପୋଲିସ ବିଭାଗ ନୁହେଁ, ସବୁ ବିଭାଗରେ ନିଯୁକ୍ତି ପ୍ରକ୍ରିୟାରେ ଏପରି ଦୁର୍ନୀତି ହେଉଛି। ଅତୀତରେ କଂଗ୍ରେସ ଏବଂ ବିଜେଡି ସରକାରଙ୍କ ସମୟରେ ମଧ୍ୟ ଏଭଳି ଦୁର୍ନୀତି ହେଉଥିଲା। ଏବେ ଗୋଟିଏ କେସ ଧରାପଡ଼ିଲା। ନିକଟ ଅତୀତରେ ଅନ୍ୟ କେତେକ ପଦପଦବୀରେ ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ଧରାପଡ଼ିଥିଲା। ଏପରିକି ଓପିଏସସି ପରୀକ୍ଷାରେ ମଧ୍ୟ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଶିକ୍ଷକ ନିଯୁକ୍ତି କଥା ନକହିଲେ ଭଲ। ଅନେକ ଜାଲ ସାର୍ଟିଫିକେଟରେ ଶିକ୍ଷକ ଭାବେ ନିଯୁକ୍ତି ପାଇ ବର୍ଷ ବର୍ଷ ହେବ ଚାକିରୀ କରୁଛନ୍ତି। ଏଭଳି ଶିକ୍ଷକଙ୍କଠାରୁ ଗୁଣାତ୍ମକ ଶିକ୍ଷାଦାନ ଆଶା କରିବା ଅନୁଚିତ। ଯେଉଁମାନେ ୨୫ ଲକ୍ଷ ଟଙ୍କା ଦେଇ ଏସଆଇ ଚାକିରୀ କରିଥାଆନ୍ତେ ସେମାନେ ଚାକିରୀ କାଳ ଭିତରେ ଏହାର ଦୁଇଗୁଣ ଅର୍ଥ ଦୁର୍ନୀତିପୂର୍ଣ୍ଣ ଉପାୟରେ ଆଦାୟ କରିଥାଆନ୍ତେ। ଏହା ହିଁ ସବୁ ବିଭାଗରେ ଦୁର୍ନୀତି ବଢ଼ିବାର ମୁଖ୍ୟ କାରଣ। ଏବେ ବିଭିନ୍ନ ସରକାରୀ ବିଭାଗରେ ଯେଉଁମାନେ ଚାକିରୀ କରିଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଦୁର୍ନୀତିପୂର୍ଣ୍ଣ ଉପାୟରେ ଚାକିରୀ କରିଥିବେ। ଅନେକ ସରକାରୀ ଅଫିସର କିରାଣୀମାନେ ସଠିକ ଭାବେ ଏକ ଦଲିଲ ମଧ୍ୟ ଲେଖିପାରୁନାହାଁନ୍ତି। ଅନେକ ଇଂରାଜୀ ଭାଷାରେ ଠିକ ଭାବେ ଲେଖି ଜାଣି ନାହାଁନ୍ତି। ଅନେକ ବ୍ୟକ୍ତିଙ୍କର ସାଧାରଣ ଜ୍ଞାନ ମଧ୍ୟ ନାହିଁ। ସେମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ କିପରି ଚାକିରୀ କରିଛନ୍ତି ତାହା ସହଜରେ ଅନୁମେୟ। ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତିରେ ମୂଳରୁ ଚୂଳ ପର୍ଯ୍ୟନ୍ତ ସମସ୍ତେ ସମ୍ପୃକ୍ତ। ଏହାକୁ ରୋକିବା ମଧ୍ୟ କଷ୍ଟକର। ନିକଟରେ ମାଟ୍ରିକ ବୋର୍ଡର ଅତିରିକ୍ତ ଅଧିକ୍ଷକ ଏଭଳି ପ୍ରଶ୍ନପତ୍ର ଲିକ ମାମଲାରେ ଧରାପଡ଼ି ଜେଲ ଯାଇଛନ୍ତି। କିନ୍ତୁ ଏସବୁ ନମୂନା ମାତ୍ର। ଏସବୁ ଦୁର୍ନୀତି ପଛରେ ବଡ଼ ଧରଣର ରାକେଟ କାମ କରୁଛି। ସେମାନେ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇ ପ୍ରଶ୍ନପତ୍ର ଲିକ କରିବାଠାରୁ ଆରମ୍ଭ କରି ସାକ୍ଷାତକାର ପରୀକ୍ଷାରେ ସଫଳତା ବ୍ୟବସ୍ଥା ମଧ୍ୟ କରୁଛନ୍ତି। ଏହାର ଚେର ବାହାର ରାଜ୍ୟକୁ ମଧ୍ୟ ବ୍ୟାପିଛି। ଅନେକ ସମୟରେ ଏଭଳି ଦୁର୍ନୀତି ଅଭିଯୋଗର ତଦନ୍ତ କ୍ରାଇମବ୍ରାଞ୍ଚ ବା ସିବିଆଇ ଦ୍ୱାରା ହଉଛି। କିନ୍ତୁ ଦୁର୍ନୀତି ଦୂର ହେଉନି ବା ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ବାହାରିପାରୁନି। ଏହାର ଦୁଇଟି କାରଣ। ପ୍ରଥମତଃ ରାଜନୈତିକ ହସ୍ତକ୍ଷେପ। ଶାସନ କ୍ଷମତାରେ ଥିବା ଦଳର ନେତାମାନଙ୍କର ଏହାକୁ ରୋକିବା ଲାଗି ଇଚ୍ଛା ଶକ୍ତି ନାହିଁ। ଦ୍ୱିତୀୟରେ ନିଯୁକ୍ତି ପରୀକ୍ଷା ପଦ୍ଧତିରେ ତ୍ରୁଟି। ଏହି ପଦ୍ଧତି ଏପରି ହେବା କଥା ଯେମିତିକି ଜଣେ ଦୁଇ ଜଣ ବ୍ୟକ୍ତି ଏହାକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଏଥିଲାଗି ସମାନ ପ୍ରଶ୍ନପତ୍ର ନୁହେଁ, ଏକାଧିକ ସେଟର ପ୍ରଶ୍ନ ପଡ଼ିବା ଉଚିତ।

## ଜଳକଷ୍ଟ ଓ ମାନବ ସମାଜ ପାଇଁ ଜଳର ଉପଯୋଗିତା

*“ ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି ।*


॥ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ॥


ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ବିଶ୍ୱ ଜଳ ଦିବସରେ ଜାତିସଂଘ ଏହି ଚେତାବନୀ ଦେଇଛି। ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୩ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ।

ବର୍ତ୍ତମାନର ଭୟାବହ କରୋନା ଖବର ଭିତରେ ଆଗକୁ ଆସୁଛି ପ୍ରଚଣ୍ଡ ଖରାର ସମୟ। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସାଁ ସାଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି ।

ତେବେ ଚଳିତ ବର୍ଷ ଦେଖା ଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ । ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ ଦୁର୍ଭାଗ୍ୟଜନକ ଇଙ୍ଗିତ ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୩ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୩ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ ।

ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା।


ପାରାଦ୍ୱୀପ, ଓଡ଼ିଶା

ଦୂରଭାଷ : ୯୪୩୭୦୨୨୦୬୧


## ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ


॥ ଉମେଶ ଚନ୍ଦ୍ର ପାତ୍ର ॥


ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା’ କେବଳ ମା’ - କାମିନୀ ନୁହେଁ। ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ! ମା’କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୁଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଳୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜ୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଳ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।


**ସହପ୍ରତିରଦ୍ଧିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**


## ଆମେ ଓ ଆମ ପରିବେଶର ପଶୁପକ୍ଷୀ


॥ ବିପିନ ବିହାରୀ ମହାନ୍ତି ॥


ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ। ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ। କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା। ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା। ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି। ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ। ଏ ସବୁଥି ପାଇଁ ମଣିଷ ଦାୟୀ। ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି। ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି। ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍। ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି। ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ। ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି। କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି। ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ। ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ। ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ। ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି। ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି। ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ। ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ। ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ। ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ। ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ। ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି। ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ। ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା। ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି। ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି। ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି। ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ**
**ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର, ଜଟଣୀ**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପାରାଦୀପ ବଡ଼ପଡ଼ିଆ ଅସ୍ଥାୟୀ ପରିବା ମାର୍କେଟରେ ଗ୍ରାହକ ହନ୍ତସନ୍ତ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ସହରରେ ବଡ଼ପଡ଼ିଆ ମାର୍କେଟ ଅଞ୍ଚଳରେ ଥିବା ଅସ୍ଥାୟୀ ପରିବା ମାର୍କେଟରେ ବହୁ ସ୍ଥାନୀୟ ଲୋକେ ନିର୍ଭର କରୁଥିବା ବେଳେ ଏଠାରେ ଘୋର ଅବ୍ୟବସ୍ଥା ଯୋଗୁଁ ଗ୍ରାହକ ମାନଙ୍କ ମାର୍କେଟିଙ୍ଗ କରିବା କଷ୍ଟସାଧ ହୋଉପଡ଼ିଛି । ଏହି ପରିବା ମାର୍କେଟ ମଝିରେ ଯିବା ଆସିବା ବାଟରେ ଦୋକାନୀ ମାନେ ତାଙ୍କ ସାମଗ୍ରୀ ଗଦା କରିବା ଏବଂ ସାଇକେଲ ଓ ମଟର ସାଇକେଲ ରଖିବା ଯୋଗୁଁ ଗ୍ରାହକ ମାନେ ମାର୍କେଟରେ ପଶିବା କଷ୍ଟସାଧେ ହୋଇଥିବା ବେଳେ ଷଣ୍ଡ ଗାଇଙ୍କ ଅବାଧ ବିଚରଣ ଯୋଗୁଁ ସଧାରଣରେ ଏହା ବିପଦ ସୃଷ୍ଟି କରିଛି । ଯଦିଓ ପୌର ପ୍ରଶାସନ ପକ୍ଷରୁ ଦୈନିକ ସକାଳେ ଏହି ମାର୍କେଟ ଅଞ୍ଚଳରୁ ଅଳିଆ ସଫା କରାଯାଉଛି ତେବେ ଦୋକାନୀ ମାନେ ତାଙ୍କ ନଷ୍ଟ ପରିବା ସାମଗ୍ରୀ ଓ ଅଳିଆ ଆବର୍ଜନା ପାଖରେ ଥିବା ନଦୀ ଜୋରରେ ପକାଇବା ଦ୍ୱାରା ବର୍ଷା ଦିନେ ସହରର ନିଷ୍କାସିତ ଜଳର ଗତିପଥ ଅବରୋଧ ହୋଇ ବିଭିନ୍ନ ଡ୍ରେନ ଜାମ ରହି ଅସ୍ୱାସ୍ଥ୍ୟକାର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଏଥିପ୍ରତି ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗ ଓ ପୌର ପ୍ରଶାସନ କର୍ତ୍ତୃ ଆଭିମୁଖ୍ୟ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନର ସଚେତନତା କାର୍ଯ୍ୟକ୍ରମ



କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁସାନାଲ ଗାଁ ବଜାର ପଡିଆ ଠାରେ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ପାଞ୍ଚଟି ପଞ୍ଚାୟତର ଏସ୍ ସି ସମାଜର ଭାଇମାନଙ୍କୁ ନେଇ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମାଜକୁ ନୀଶା କୁସଂସ୍କାର ଅନ୍ଧବିଶ୍ୱାସରୁ ଦୁରେଇ ରଖି ଶିକ୍ଷାକୁ ପ୍ରାଧାନ୍ୟ ଦେବା ଏବଂ ସଙ୍ଗଠିତ ସମାଜ ତିଆରି କରିବା ପାଇଁ ସମସ୍ତେ ସଂଘର୍ଷ କରିବା ବୋଲି ମତ ରଖିଛନ୍ତି। ଉପସ୍ଥିତି ଥିଲେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା ମହାସଚିବ ଶତ୍ରୁଘ୍ନ ନାଏକ, ମୁରଲୀଧର ନାଏକ, ଶ୍ୟାମ ବିଭାର, ପବିତ୍ର ବାଗ, ଉବଜଲ ସେଠ, ଅରବିନ୍ଦ ସୁନା, କୈଳାସ ହରିଜନ ଏହିଭଳି ସତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଲାଞ୍ଚ ନେଇ ଧରାପଡ଼ିଲେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଫିସ ସହ ପୈତୃକ ଘରେ ଭିଜିଲାନ୍ସର ରେଡ୍




କବିସୂର୍ଯ୍ୟନଗର, (ମହାଭାରତ): ଭିଜିଲାନ୍ସ ହାତରେ ପଡିଲେ ଲାଞ୍ଚୁଆ ବାବୁ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ଭିଜିଲାନ୍ସ ହାତରେ ପଡିଛନ୍ତି । ବଦଳି ଏବଂ ଦରମା କରାଇଦେବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାସନ୍ସ ହାତରେ ପଡିଛନ୍ତି । ଭିଜିଲାସନ୍ସ ଟିମ ବେଲଗୁଣ୍ଠା ଏନଏସି କାର୍ଯ୍ୟାଳୟ ସମେତ କବିସୂର୍ଯ୍ୟନଗର ମୁଖ୍ୟ ବାସଭବନରେ ମଧ୍ୟ ଚଢ଼ାଉ କରିଛି । ଭିଜିଲାନ୍ସର ଗୋଟିଏ ଟିମ କବିସୂର୍ଯ୍ୟନଗର ମର୍ଦରାଜ ହାଇସ୍କୁଲ ନିକଟ ବାସଭବନରେ ପହଞ୍ଚି ଥିଲେ । ବହୁ ସମୟ ଅପେକ୍ଷା ପରେ କୌଶଳ କ୍ରମେ ଘର ଭିତରେ ଭିଜିଲାନ୍ସ ଟିମ ପସି ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି ।

## କାଳରପତାରିଆ ବାଘର ଶବ ଉଦ୍ଧାର

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ରାଇଘର ବନାଞ୍ଚଳର ସୀମାନ୍ତରେ ଥିବା ନକଟିସେମେଡା ସେମରଡ଼ିହି ଗ୍ରାମରେ ମିଳିଛି ଏକ କାଳରପତାରିଆ ବାଘର



ଶବ। ନବରଙ୍ଗପୁର ଜିଲ୍ଲାରେ ବାଘ ଗଣତି ସମୟରେ ସଂଖ୍ୟା ଶୂନ ହୋଇଥିବା ବେଳେ ମକା ବାଡ଼ ଭିତରେ ମୃତ ବାଘର ଶବ ଉଦ୍ଧାର ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏହି ଅଂଚଳ ଛତିଶଗଡ଼ର ସୀତାନଦୀ ବ୍ରାଘ୍ୟ ଅଭୟରଣ୍ୟ ସୀମାକୁ ଲାଗି ରହିଛି ଏଣୁ ଗତକାଲି ରାତିରେ ବାଘଟି ମାରିଥିବା ପ୍ରାଥମିକ ତଦନ୍ତ ଜଣାପଡିଛି। ନବରଙ୍ଗପୁର ବନ ବିଭାଗ ପକ୍ଷରୁ ବାଘ ର ଶବ ଜବତ କରିଛନ୍ତି। ନିକଟସ୍ଥ ସୀତାନଦୀ ବ୍ୟାର୍ଘ୍ୟ ଅଭୟରଣ୍ୟ ରୁ ଆସିଥିବା ଅନୁମାନ କରାଯାଇଛି। ବର୍ତ୍ତମାନ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ବେହେରା ପହଂଚି ଅଧିକ ତଦନ୍ତ କରୁଛନ୍ତି ବନ ବିଭାଗ ପକ୍ଷରୁ ଶବ ଜବତ କରାଯାଇଛି। ଅନ୍ୟ ପକ୍ଷରେ ଛତିଶଗଡ଼ ବନ ବିଭାଗକୁ ବାଘ ମୃତ୍ୟୁ ସମ୍ପର୍କରେ ଜଣାଇ ଦିଆଯାଇଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଭେଳିକି, ସଦରମହକୁମା ବାସୀଙ୍କ ବିଶ୍ୱାସରେ ବିଷ

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସଦର ମହକୁମାବାସୀଙ୍କୁ ଶେଷରେ ଠକି ଦିଆଗଲା କେନ୍ଦ୍ରୀୟ ବିଦ୍ୟାଳୟ କ୍ଷେତ୍ରରେ। ନିର୍ବାଚନପୂର୍ବରୁ ଶାସକ ବିଜେପିର ସଦରମହକୁମା ପାଇଁ ଅନେକ ପ୍ରତିଶୃତି ମଧ୍ୟରୁ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଥିଲା ଅନ୍ୟତମ। ନିର୍ବାଚନ ଜିତି ବର୍ତମାନ ବିଧାୟିକା, ସାଂସଦଙ୍କ ସହିତ ରାଜ୍ୟରେ ସରକାର ବିଜେପିର। କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ସଦରମହକୁମା କିମ୍ବା ସହରାଞ୍ଚଳରେ ହେବାକଥା ମାତ୍ର କେତକ କ୍ଷମତାଲୋଭି ଅର୍ଥଲୋଭିଙ୍କ ଇଙ୍ଗିତରେ ନାନାଦି




ଷଡ଼ଯନ୍ତ୍ର କରାଯାଇ ଏହାକୁ ଅନ୍ୟତ୍ର କରାଯିବାକୁ ସରିଯାଇଛି ମାଷ୍ଟରପ୍ଲାନ ଏପରିକି ପୂର୍ବରୁ ଦାବି କରୁଥିବା କିଛି ବ୍ୟକ୍ତିବିଶେଷ ମଧ୍ୟ ଅର୍ଥ, ଠିକାଦାରୀ ଲୋଭରେ ହୋଇଛନ୍ତି ସାମିଲ।ସମସ୍ତ ଭିତ୍ତିଭୂମି ଥିବା ହିନ୍ଦୋଳ ସଦରମହକୁମାରେ କିମ୍ବା ମଧ୍ୟସ୍ଥଳ ସାତମାଇଲ ନିକଟରେ ଏହା ହୋଇଥିଲେ ୮୦ପ୍ରତିଶତ ଜନସାଧାରଣ ଉପକୃତ ହୋଇଥାନ୍ତେ ମାତ୍ର ୬/୭ପଂଚାୟତ ଯେଉଁଠୁ ଶାସକଦଳ କମ ଭୋଟ ବ୍ୟବଧାନରେ ଥିଲା ସେହି ଅଞ୍ଚଳର କୈନିକ କ୍ଷମତାଶାଳୀଙ୍କ ପ୍ରରୋଚନାରେ ସଂଖ୍ୟାଧିକ ଜନତାଙ୍କୁ ଗୋଡ଼ରେ ଆଡେଇଦିଆଗଲା। ଯାହାକି ଜନସାଧାରଣ ଅବଗତ ଅଛନ୍ତି। ସେଥିପାଇଁ ଅଞ୍ଚଳବାସି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣି ଓ ବିଧାୟିକା ସୀମାରାଣୀ ନାୟକଙ୍କୁ ଲିଖିତ ଜଣାଇଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ମଧ୍ୟ ସେଥିପାଇଁ ନିର୍ଭର ପ୍ରତିଶୃତି ଦେଇଥିଲେ ଉପଯୁକ୍ତ ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଏବଂ ଆଶ୍ୱାସନା ମଧ୍ୟ ସମସ୍ତେ ଦେଇଥିଲେ। ମାତ୍ର ଗତ ୩/୧୦/୨୦୨୫ରେ କେନ୍ଦ୍ରୀୟ ବିଦ୍ୟାଳୟ କମିଶନଙ୍କ ଚିଠିରିଖ ୧୧୦୨୯ ୨୫/୨୦୨୫,କଠ୯(ଐଛ)/(ଇଉଗଓଘ-୧)/୪୯୩ ରେ ସଦର ମହକୁମାକୁ ବାଦଦେଇ ଅନ୍ୟତ୍ର ସିଲେକ୍ସନ କରାଯାଇଥିବା ସ୍ଥାନର ସ୍ଥିତି ଜଣାଇବାପାଇଁ ଚିଠି ହୋଇଥିବା ଶୁଣି ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି ଏପରିକି ସ୍ଥାନୀୟ ଶାସକଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା କର୍ମୀ ମାନେ ମଧ୍ୟ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି।ତେବେ ହିନ୍ଦୋଳ ଜନସାଧାରଣଙ୍କର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି ଅକୁଣ୍ଠ ଭଲପାଇବା ଓ ସମର୍ଥନ ରହିଥିବା ଏବଂ ଧର୍ମେନ୍ଦ୍ର ହିନ୍ଦୋଳକୁ ଗୁରୁତ୍ୱ ଦେଉଥିବାରୁ ସମସ୍ତେ ଆଶାବାଦୀ ଅଛନ୍ତି ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ। ତେବେ କେନ୍ଦ୍ରୀୟବିଦ୍ୟାଳୟ ସଦରମହକୁମାରେ କରନଗଲେ ଆଗାମୀଦିନରେ ଦଳମତ ନିର୍ବିଶେଷରେ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ୩ଦଳର ସ୍ଥାନୀୟ କାର୍ଯକର୍ତ୍ତା କର୍ମୀ ଜନସାଧାରଣ କହିଛନ୍ତି।

# କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଗାମୀ କପା ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ନିଷ୍ପତି କ୍ରମେ ଆସନ୍ତା ନଭେମ୍ବର ୨୬ ତାରିଖରୁ ଜିଲ୍ଲାର ୨ ଟି କପା ମଣ୍ଡି ଯଥା - ଭବାନୀପାଟଣା ବ୍ଲକ ସ୍ଥିତ କର୍ଲାପଡା ଏବଂ କେସିଙ୍ଗା ବ୍ଲକ ସ୍ଥିତ ଉକଲ୍ଲୋ ଠାରେ କପା ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଉଛଳା ମଣ୍ଡିକୁ ବନ୍ଦ କରି ସେ ଅଞ୍ଚଳର କପା ଚାଷୀ ମାନଙ୍କୁ କର୍ଲାପଡା ମଣ୍ଡିରେ କପା ବିକ୍ରୟ




କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ କପା ବିକ୍ରୟ ପାଇଁ ଅନଲାଇନ ପଞ୍ଜୀକରଣ ଶେଷ ତାରିଖ ଅକ୍ଟୋବର ୩୧ ତାରିଖ ଥିବାବେଳେ ବର୍ତ୍ତମାନ ସୁଦ୍ଧା କମ ସଂଖ୍ୟକ କପା ଚାଷୀ ମଣ୍ଡିରେ କପା ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି ତେଣୁ କିପରି ଅଧିକ ରୁ ଅଧିକ ଚାଷୀ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିପାଇଁ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ସମ୍ପାଦକ, ଆର.ଏମ୍.ସି.ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ୨୦୨୫-୨୬ ବର୍ଷରେ ମଧ୍ୟମ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୭,୭୧୦ ଏବଂ ଉଚ୍ଚ ଧରଣର କପା କ୍ୱିଣ୍ଟାଲ ପିଛା ଟ. ୮,୧୧୦ ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି । ଏହି ବୈଠକରେ ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସମସ୍ତ ମିଲର୍ସ, ଜିଲ୍ଲାର କପା ଚାଷୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପ ତାରିଣୀ ମାର୍କେଟ ପକ୍ଷରୁ ୩୫ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ବନ୍ଦର ନଗରୀ ପାରାଦୀପ ର ମଧୁବନ ସ୍ଥିତ ତାରିଣୀ ମାର୍କେଟରେ ଲକ୍ଷ୍ମୀ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହେଉଛି । ବଜାର କମିଟି ଆନୁକୂଲ୍ୟରେ ଏହି ପୂଜା ଅନୁଷ୍ଠିତ ହେଉଥିବାବେଳେ ଏହା ପାଞ୍ଚଦିନ ଧରି ଚାଲିବ । ୧୯୯୦ ମସିହା ଠାରୁ ଏହି



ପୂଜା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୩୫ ବର୍ଷରେ ପଦାର୍ପଣ କରିଛି କ୍ଷ ଏହି ପୂଜାରେ ରାମଚନ୍ଦ୍ର ସ୍ୱାଇଁ , ଜନ ବେଉରା , ସଞ୍ଜୟ ପରିଡା , ପ୍ରତାପ ମିତ୍ର , ଧୀର ସାମଲ , କାଳନ୍ଦୀ ପଲେଇ , ଗୁଣନିଧି ପରିଡା ପ୍ରମୁଖ ସକ୍ରିୟ ସହଯୋଗ କରୁଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ନାମିଦାମୀ କଳାକାର ଶ୍ରୀଚରଣ ମହାନ୍ତି ଓ ତାଙ୍କ ଗୃପ ମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରତିଦିନ ମଧ୍ୟାହ୍ନରେ ମାଙ୍କ ପ୍ରସାଦ ଖାଇବାକୁ ଲୋକଙ୍କ ନାହିଁନଥିବା ଭିଡ ମଧ ଦେଖିବାକୁ ମିଳୁଛି ।

## ତୁ ହେବୁ ମୋ ରାଣୀ ମୁଁ ତୋ ରାଜା : ଜୀବନ୍ତ କଣ୍ଢେଇ ବାହାଘର

ଅସ୍ତରଙ୍ଗ, (ମହାଭାରତ) : ଜୀବନ୍ତ କଣ୍ଢେଇ ବାହାଘର, କଣ୍ଢେଇ ଶବ୍ଦ ଟିଏ ଶୁଣିଲେ ଆପଣ ଜାଣିଥିବେ ଏହା ଏକ ନିର୍ଜୀବ କିନ୍ତୁ ଜୀବନ୍ତ। କଣ୍ଢେଇର ଅର୍ଥ କଣ ଏହା ଜାଣିଲେ ଆପଣ ମାନେ ଆଶ୍ଚର୍ଯ୍ୟ ହେବେ। କିନ୍ତୁ ହଁ ଆଜ୍ଞା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଓଲରା ଗ୍ରାମରେ ହୋଇଛି ଏହିଭଳି ଜୀବନ୍ତ କଣ୍ଢେଇଙ୍କ ବାହାଘର। ବାଜା ବାଣ ରୋଷଣୀ ବରଯାତ୍ରୀ ଙ୍କୁ ନେଇ ନାଚ କୁଦ ରେ ଭରପୁର ଆନନ୍ଦ ଉଠାଇବା ସହ ଅନୁଷ୍ଠିତ ହୋଇଛି ୨ ଜୀବନ୍ତ କଣ୍ଢେଇ ଙ୍କ ବାହାଘର। ଏହି ବାହାଘର ପଛରେ ରହିଛି ଏକ ପୌରାଣିକ କିମ୍ବଦନ୍ତି। ଆଜକୁ ଦୀର୍ଘ ବର୍ଷ ହେବ ଏହି ଗ୍ରାମ ରେ ବାଳିକା ମାନଙ୍କ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଇ ଆସୁଛି। ଆଶ୍ୱିନ ମାସ ଶୁକ୍ଲପକ୍ଷ ଚତୁର୍ଦ୍ଧଶୀରେ ମା'ଙ୍କ ପୂଜା ହୁଏ ଆଉ ଠିକ ଏହା ପରଦିନ ପୂର୍ଣ୍ଣିମା ତିଥି ରେ କୁମାରୀ ମାନଙ୍କ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଏ। ସକାଳୁ ଉଠି ନିତ୍ୟ କର୍ମ ସରିବା ପରେ ପାହାନ୍ତିଆ ରାତିରେ ଅାଞ୍ଜୁଳି ଟେକା, ସନ୍ଧ୍ୟାରେ ଚାନ୍ଦ ପୂଜା କରନ୍ତି। ଏହା ପୂର୍ବରୁ ଏହି ଗ୍ରାମ ରୁ ୨ ଜଣ ବାଳିକା



ଙ୍କୁ ବର ଓ କନ୍ୟା ରୂପେ ଚୟନ କରାଯାଏ। ଏମାନଙ୍କ ପରିବାର ଭିତରେ ନିର୍ବନ୍ଧ ହୁଏ ପରେ ମେହେନ୍ଦି କାର୍ଯ୍ୟକ୍ରମ ହୁଏ। ରାତ୍ର ସମୟ ରେ ଆମ ଓଡ଼ିଆ ଘର ବାହାଘର ଭଳି ଉଭୟ ଙ୍କୁ ପାରମ୍ପରିକ ବସ୍ତ୍ର ଅଳଙ୍କାର ରେ ବର କନ୍ୟା ରୂପେ ସଜାଇଥାନ୍ତି ଅନ୍ୟ କୁମାରୀ ମାନେ। ଚାଉଳ ଆଞ୍ଜୁଳି ଦେଇ ଠାକୁରାଣୀ ଙ୍କ ନିକଟରେ ବନ୍ଦାପନା କରାଯିବା ପରେ ଆରମ୍ଭ ହୁଏ ବରଯାତ୍ରୀଙ୍କ ନାଚ ଗୀତ, ବାଜା ବାଣ ଆଉ ପ୍ରସେସନ ରେ ଫାଟି ଉଠେ ଏହି ଗ୍ରାମ। ଗ୍ରାମ ପରିଭ୍ରମଣ ପରେ ଉଭୟ ଙ୍କୁ ନେଇ ବେଦୀ ରେ ବ୍ରାହ୍ମଣଙ୍କ ଦ୍ୱାରା ବାହାଘର କରାଯାଇ ହାତଗଣ୍ଠି ପଡେ, ଚଳିତ ବର୍ଷ ବୁଲାକି ନାୟକ ଓ ବିଦ୍ୟୁଲତା ନାୟକଙ୍କ ଝିଅ ସାଇ ଲକ୍ଷ୍ମୀ ନାୟକ କନ୍ୟା ହୋଇଥିବା ବେଳେ ଅନ୍ୟ ପଟେ ମିନି ଓ ଗଗନ ପାଳଙ୍କ ଝିଅ ଶୁଭଶ୍ରୀ ପାଳ ହୋଇଥିଲେ ବର। ମା' ଗଜଲକ୍ଷ୍ମୀ ଓ ନାରାୟଣଙ୍କ ବାହାଘର ଯାହା ପୌରାଣିକ ଯୁଗରେ ବର୍ଣ୍ଣିତ ରହିଛି କିନ୍ତୁ ଆଜି ଆଧୁନିକତା ର ସ୍ପର୍ଶ ରେ ଏହି ଲୋକକଥା ହଜିଯାଇଛି ଆଉ ଏହାକୁ ବଞ୍ଚେଇ ରଖିବା ସହ ପୁନଃ ଉଦ୍ଧାର କରିବାକୁ ଏହି ଗ୍ରାମବାସୀ କରିଛନ୍ତି ଭିନ୍ନ ପ୍ରୟାସ।

# ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାର ଙ୍କ ବିବାଦ ମଧ୍ୟରେ ଜନସାଧାରଣ ହେଉଛନ୍ତି ପେଷି

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ବିବାଦ ଆଜି ଚରମ ସୀମାରେ ପହଁଚିଛି। ଯାହାର ପରିଣାମ ସ୍ୱରୂପ ଦଶପଲ୍ଲାର ଆରାଧ୍ୟ ଦେବ ପ୍ରଭୁ ଶ୍ରୀ ମହାବୀରଙ୍କ ଗେଟରେ ଝୁଲୁଛି ତାଲା। ସୂଚନା ଅନୁସାରେ ଗତ ବିଜେଡି ସରକାର ସମୟରେ ମନ୍ଦିରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଚାରି କୋଟି ରୁ ଉର୍ଦ୍ଧ ଟଙ୍କା ବ୍ୟୟ ପାଇଁ ଅଟକଳ କରାଯାଇଥିଲା। ତେବେ ଠିକାଦାରଙ୍କ ଦ୍ୱାରା ଅଧିକାଂଶ କାମ ସରିଥିବା ବେଳେ ପୂର୍ତ୍ତ ବିଭାଗ ତାଙ୍କର ବିଲ ବକେୟା ରଖିଛନ୍ତି। ବିଗତ ଦିନରେ ଠିକାଦାର ମାନେ ମଧ ନିଜର ଅସନ୍ତୋଷ ପ୍ରକାଶ କରିବା ସହିତ ପୂର୍ତ୍ତ ବିଭାଗ ସାମ୍ନାରେ ଧରଣା ରେ ବସିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ଭୁଲ କାହାର? ଯଦି ବିଭାଗ ର ଅର୍ଥ ନାହିଁ ତେବେ କାମ ପାଇଁ ଆଦେଶ କାହିଁକି ଦେଇଥିଲେ। ତେବେ ସମ୍ପୃକ୍ତ



ଠିକାଦାର ଅନେକ ଅର୍ଥ ନିଜସ୍ୱ ହାତରୁ ଖର୍ଚ୍ଚ କରି ହତାଶ ହେବା ସ୍ୱାଭାବିକ କଥା। ତେବେ ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ବିବାଦ ଲାଗି ସାଧାରଣ ଜନତା ଆଜି ହଇରାଣ ହେଉଛନ୍ତି। ମନ୍ଦିରରେ ଅନେକ ଅନୁଷ୍ଠାନିକ କାର୍ଯ୍ୟ ସମ୍ପାଦିତ ଲୋକଙ୍କର ହୋଇଥାଏ। ଗେଟ ରେ ତାଲା ପଡିବା ଦ୍ୱାରା ମଧ୍ୟ ଦଶପଲ୍ଲାବାସିଙ୍କ ମନରେ କଷ୍ଟ ହେବା ସ୍ୱାଭାବିକ। ଏଣୁ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ସମସ୍ୟା ର ସମାଧାନ ଶୀଘ୍ର କରିବା ଦରକାର। ଦେଖାଯାଉ କେବେ ପ୍ରଭୁ ଶ୍ରୀ ମହାବୀରଙ୍କ କୃପାରୁ ଏ ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

# ତିଳବେଢ଼ାକୁ ମାଟିଆଗୁନି ନୂତନ ପଞ୍ଚାୟତରେ ନ ମିଶାଇବାକୁ ଗ୍ରାମବାସୀଙ୍କ ବିରୋଧ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ପଞ୍ଚାୟତ ସମିତି ପକ୍ଷରୁ ୫ଟି ନୂତନ ପଞ୍ଚାୟତ ଭାବେ ଜାମୁଦା, ତୋଣ୍ଡ, କାମର୍ମରା, ମୌଦ୍ୱୀପା, ମାଟିଆଗୁନି ହେବାକୁ ଯାଉଥିବା ବେଳେ ଏଥିରେ ମାଟିଆଗୁନି ନୂତନ ପଞ୍ଚାୟତରେ ବଡ଼ବିଲ ପଞ୍ଚାୟତ ତିଳବେଢ଼ା ଗ୍ରାମକୁ ବ୍ଲକ ପ୍ରଶାସନିକ ଚିଠି ଅନୁଯାଇ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଖବର ତିଳବେଢ଼ା ଗ୍ରାମବାସୀ ଜାଣିପାରି ଗ୍ରାମ ର ଶତାଧିକ ପୁରୁଷ ମହିଳା ସାହାରପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ରଞ୍ଜିତ ମହାନ୍ତଙ୍କୁ ସାକ୍ଷାତ କରିବା ସହ ମାଟିଆଗୁନି ପଞ୍ଚାୟତରେ ତିଳବେଢ଼ା ଗ୍ରାମକୁ ମିଶାଇବାକୁ ବିରୋଧ କରିବା ବଡ଼ବିଲ ପଞ୍ଚାୟତରେ ତିଳବେଢ଼ା



ଗ୍ରାମ ରହିବାକୁ ଦାବି କରିବା ସହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ମାଟିଆଗୁନି ନୂତନ ପଂଚାୟତ ରେ ତିଳବେଢା ଗ୍ରାମ କୁ ମିଶାଇ ଯାଏ । ତିଳବେଢ଼ା ଗ୍ରାମବାସୀ ଙ୍କ କାମ ପଡିଲେ କିପରି ୧୦ କିଲୋମିଟର ପଂଚାୟତ କୁ ଯିବେ । ପଞ୍ଚାୟତ କୁ ଗମନାଗମନ ସୁବିଧା ନ ଥିବା ବେଳେ ଏକ୍ଷେତ୍ର ରେ ରାସନ କାର୍ଡ ଧାରୀ, ବିଧବା,ବାର୍ଦ୍ଧକ୍ୟ,ବିକଳାଙ୍ଗ ବ୍ୟକ୍ତି ବିଶେଷ ମାନେ କିପରି ଯିବା ସମ୍ଭବ ହୋଇ ପାରିବ ତାହା ସାଧାରଣ ପ୍ରଶ୍ନବାଚି ସୃଷ୍ଟି କରିଛି। ଏନେଇ ବିଡିଓ ରଞ୍ଜିତ ମହାନ୍ତଙ୍କୁ ପଚାରି ସେ କହିଛନ୍ତି ମାଟିଆଗୁନି ନୂତନ ପଞ୍ଚାୟତ ରେ ତିଳବେଢ଼ା ଗ୍ରାମ ମିଶିବାକୁ ପ୍ରସାଶନିକ ତଦନ୍ତ ପରେ କୁହାଯାଇ ପାରିବ । ତାହାଲେ ଆଗାମୀ ଦିନରେ ବଡ଼ବିଲ ପଞ୍ଚାୟତରେ ତିଳବେଢ଼ା ଗ୍ରାମ ରହିବ କି ମାଟିଆଗୁନି ନୂତନ ପଞ୍ଚାୟତରେ ମିଶିବ ଦେଖିବାକୁ ରହିଲା।

## ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ବସ୍ତା, (ମହାଭାରତ): ବ୍ଲକ୍ ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ କୈଳାଶ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳ ବାର ବିଳମ୍ବିତ ରାତିରେ ଚୋରି ହୋଇଥବା ନେଇ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ବାରିକ୍ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ବୁଧବାର ଭୋର ସମୟରେ ଗ୍ରାମର କିଛି ବ୍ୟକ୍ତି ଫୁଲ ତୋଳିବାକୁ ଆସି ବିଦ୍ୟାଳୟ ଦକ୍ଷିଣ ପଟ ପାଚେରୀ ନିକଟରେ ଚାଉଳ ବୁରା ପଡିଥିବାର ଦେଖି ଚୋରି ହୋଇଥିବାର ସନ୍ଦେହ କରି ବିଦ୍ୟାଳୟର ପରିଚାଳନା କମିଟି ର ସଭାପତି ଓ ଶିକ୍ଷକଙ୍କୁ ଖବର ଦେଇଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଆସିବା ପରେ ୧୩ କୁଇଣ୍ଟାଲ ଚାଉଳ ଚୋରି ହୋଇଥିବା ଜଣା ପଡ଼ିଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବ୍ୟାସନଗର ଚନ୍ଦ୍ରମା ଛକରେ ମା ଗଜଲକ୍ଷ୍ମୀ ମଣ୍ଡପରେ ପୂଜା ପାଇଲେ ମାଁ ଗଜଲକ୍ଷ୍ମୀ



ଯାଜପୁର, ବ୍ୟାସନଗର (ମହାଭାରତ): ଯାଜପୁର ଜିଲ୍ଲାର କୋରେଇ ବ୍ଲକ ବ୍ୟାସନଗର ପୋର ପରିଷଦ ଚନ୍ଦ୍ରମା ଛକରେ ସୋମବାର ମାଁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ସୋମବାର ସକାଳୁ ମାଙ୍କ ବିଭିନ୍ନ ରୀତିନୀତି ଅନୁଯାଇ ପୂଜା ଆରମ୍ଭ ହୋଇ ଥିଲା ଏଥିରେ ସୁଶିଲ ମଲ୍ଲିକ କର୍ତ୍ତା ଭାବେ ଦାୟିତ୍ୱ ରେ ରହିଥିବା ବେଳେ କର୍ତ୍ତୀ ମାମିନା ସ୍ୱାଇଁ ମୁଖ୍ୟ ପୂଜକ ବିଜୟ ଦାଶ, ଓ ବଳରାମ ଦାଶ,ଅନୁପମ ମିଶ୍ର, ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ ଏଥିରେ ମା ଗଜଲକ୍ଷ୍ମୀ ପୂଜା କମିଟିର ସୁରେଶ ମଲ୍ଲୀକ, ସୁଧୀର ମଲ୍ଲୀକ ,ଅଜୟ କୁମାର ପଣ୍ଡା,ଖଗେଶ୍ୱର ମଲ୍ଲୀକ,ଅରୁଣ କୁମାର ଦାଶ,ଦିପୁ ବଳ,ଟୁନା, ଶୋମିୟା,ଦାସ,ଚିଣ୍ଟୁ,ବାପି,ଗୁଡ୍ଡୁ,ନାଲୁଆ, ସଞ୍ଜୟ ମଲ୍ଲିକ,ଗୁରୁ,ମୀନକେତନ ଦାଶ,ମୁନୁ ଚକ୍ର, ଅକ୍ଷୟ କୁମାର ସାହୁ,ଦେବ ପ୍ରସାଦ ମଲ୍ଲୀକ, ଓ ଅନ୍ୟ ମାନେ ପରିଚାଳନା କରୁଛନ୍ତି । ଆସନ୍ତା ୧୦, ତାରିଖ ଶୁକ୍ରବାର ମାଁ ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ।

## ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଦଶପଲ୍ଲା,(ମହାଭାରତ ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ଗ୍ରାମ ପଂଚାୟତ ର ଶିବମନ୍ଦିର ପ୍ରାଙ୍ଗଣରେ ଓ ନଛିପୁର ଗ୍ରାମ ପଂଚାୟତ ର ପଥୁରିଆ ଷ୍ଟେସନ ପାଖ ପଡିଆ ଠାରେ ଭାରତୀୟ ଜନତା ପାର୍ଟୀ ର କାର୍ଯ୍ୟକର୍ତ୍ତା ଙ୍କୁ ନେଇ ବୈଠକ ଆଲୋଚନା ହୋଇଥିଲା। ଉକ୍ତ ବୈଠକ ରେ ଡବଲ ଇଂଜିନ ସରକାର ଙ୍କ ବିକାଶ ମୂଳକ କାମ,ବିଭିନ୍ନ ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତୋଦ୍ୱୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ, ସଡ଼କ ଯୋଜନା, ଆଦିବାସୀ ଅଂଚଳ ର ବିକାଶ ପାଇଁ ପଦକ୍ଷେପ, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରା କୁ ବଞ୍ଚାଇ ରଖିବା ପାଇଁ ପଦକ୍ଷେପ, ଶିକ୍ଷା ପାଇଁ ପିଲା ଙ୍କୁ ମାଗଣା ସୁବିଧା,ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣ ଙ୍କ ସୁଖ ଦୁଃଖ ରେ ଭାଗିଦାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ସୁରକ୍ଷା ଦେବା, ଶହୀଦ ଯବାନ ଙ୍କୁ ସମ୍ମାନ ଦେବା,ସ୍ୱଦେଶୀ ଜିନିଷ ବ୍ୟବହାର କରିବା, ଘର ଘର ସ୍ୱଦେଶୀ ପ୍ରତି ଘରେ ସ୍ୱଦେଶୀ ସଚେତନ କରିବା ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ କାର୍ଯ୍ୟକର୍ତ୍ତା ଙ୍କୁ ଅବଗତ କରାଯାଇଥିଲା।

## ରାଜା ସାହେବ କ୍ଲବ ଠାରେ ହବିଷ୍ୟାଳୀଙ୍କ ନିମନ୍ତେ ବ୍ୟବସ୍ଥା



ଦଶପଲ୍ଲା,(ମହାଭାରତ): କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ପାଇଁ ବ୍ୟବସ୍ଥା କରିବା ବହୁତ ମହ□ପୂର୍ଣ୍ଣ ଧାର୍ମିକ କାର୍ଯ୍ୟ ଅଟେ। ଏହି ବୟସର ଅପରାହ୍ନରେ ଦୂର-ଦୂରାନ୍ତରୁ ଆସିଥିବା ମା, ମାଉସୀ ମାନେ କାର୍ତ୍ତିକ ବ୍ରତ ପାଇଁ ଦଶପଲ୍ଲା ରାଜବାଟୀ ନିକଟସ୍ଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ରାଜା ସାହେବ କ୍ଲବ ଠାରେ ହବିଷ୍ୟାଳୀଙ୍କ ପାଇଁ ହୋଇଥିବା ବ୍ୟବସ୍ଥାରେ ୪୦ ଜଣ ହବିଷ୍ୟାଳୀ ଏକ ମାସ ପାଇଁ ରହିବା, ଖାଇବା ଓ ଭଗବାନ ଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଛି। ମାନସୀ ପଟ୍ଟନାୟକ (ମାମି)ଙ୍କ ସହିତ ଅନିଲ କୁମାର ସିଂ ସମସ୍ତ ବ୍ୟବସ୍ଥାର ଆୟୋଜକ ଥିବାବେଳେ ରାଜସାହେବ ର ସମସ୍ତ ସଭ୍ୟ ମାନେ ସହଯୋଗ କରିଛନ୍ତି। ଏହି ବ୍ରତ ପାଳନ କରିବା ନିମନ୍ତେ ନୟାଗଡ଼ ଜିଲ୍ଲା ମଧ୍ୟରୁ ବହୁ ମା ମାନେ ଆସିଥିବା ସୂଚନା ମିଳିଛି।

## ପାରଳାଖେମୁଣ୍ଡି ସହରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରି ସାହି ଛକରେ ୪୧ ତମ ଗଜଲକ୍ଷ୍ମୀ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଅଛି ।ସକାଳ ସମୟରେ ମାଆଙ୍କ ସ୍ନାନ କରି, ମଙ୍ଗଳ ଆଳତୀ,ହୋମ ଓ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଉଛ ।ମଧ୍ୟାହ୍ନରେ ମାଆଙ୍କ ନିକଟରେ ଅନ୍ନ ଭୋଗ ହେଉଛି ।ସନ୍ଧ୍ୟା ଆଳତୀ ଦର୍ଶନ କରି ମାଆଙ୍କ ଆଶିଷ ନେବାକୁ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମାଗମ ହେଉଛି । ଆଲୋକ ସଜ୍ଜା ତୋରଣରେ ସହର ଝଲସି ଉଠୁଛି, ରବିବାର ଦିନ ମାଆଙ୍କ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ।ଗୁରୁବାର ଦିନ ସନ୍ଧ୍ୟା ସମୟରେ ଏଗାର ହଜାର ଶହେ ଷୋହଳ ଦୀପ ଯଜ୍ଞ ଓ ମାଆଙ୍କ ପୂଜା ଚୁଡି ସିନ୍ଦୂର ବ□ନର ବ୍ୟବସ୍ଥା ରହିଛି ।ପାଗ ଅନୁକୂଳ ରହିଲେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୦ ଦିନରେ ମାଆଙ୍କ ଭଷାଣି କାର୍ଯ୍ୟକ୍ରମ ଥିବାର କମିଟି ପକ୍ଷରୁ ଜଣାପଡ଼ିଛି ।ଗଜଲକ୍ଷ୍ମୀ ପୂଜା କମିଟିର ସଦସ୍ୟ ସୀମାଞ୍ଚଳ ପତିତ, ବିଭୁତି ଭୂଷଣ ବେହେରା, ସଶାଙ୍କ ସମେତ ସାହି ବାସିନ୍ଦାଙ୍କ ସହଯୋଗରେ ଏହି ପୂଜା ଆୟୋଜିତ ହେଉଛି।

# କପା ଚାଷୀଙ୍କ ପଞ୍ଜୀକରଣ ପ୍ରଚାର ରଥ ଶୁଭାରମ୍ଭ




ଗଜପତି(ମହାଭାରତ): ଭରତୀୟ କପା ନିଗମ ଲିମିଟେଡ୍ ଓ ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କପା ଚାଷୀଙ୍କ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଚଳିତ କପା ବର୍ଷ ୨୦୨୫-୨୬ ଏମଏସପି ଅନୁଯାୟୀ କପା ବିକ୍ରି କରିବାକୁ ଗୁଗୁଲ ପ୍ଲେଷ୍ଟୋଟ ଏଂ ଆପଲ ଆଇଓଏସ ପୋଷ୍ଟରେ ଉପଲବ୍ଧ ମୋବାଇଲ୍ ଆପ୍ କପାସ କିଷାନ ମାଧ୍ୟମରେ ଚାଷୀ ମାନେ ନିଜ ନାମ ପଞ୍ଜିକରଣ କରିପାରିବେ। ପଞ୍ଜୀକରଣ କରିବାର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ।ଏହି ପ୍ରଚାର ରଥ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଚାର ପ୍ରସାର କରାଯିବ। ଏଣୁ ସମସ୍ତ ଚାଷୀ ଭାଇ ମାନଙ୍କୁ ଅନୁରୋଧ ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ କରିବା ନିମନ୍ତେ ନିଜ କାଗଜପତ୍ର ଯଥା ଜମି ରେକର୍ଡ, ରାଜସ୍ୱ କତର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥାର୍ଥ ପ୍ରମାଣିତ କପା ଫସଲର ରେକର୍ଡ, ଆଧାର କାର୍ଡ , ନିଜ ଫୋଟ ସହିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଶ୍ରୀ ଏମ. ପ୍ରକାଶ ରାଓ, ଶ୍ରୀ ରେବତୀ ମୋହନ ରାଉତ,ସମ୍ପାଦକ,ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ସମେତ ନିୟନ୍ତ୍ରିତ ବଜାର କମିଟି ଓ ଜିଲ୍ଲା କୃଷି ବିଭାଗୀୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁରରେ ପୂର୍ବଛାତ୍ର ଏକତ୍ରୀକରଣ



ବାଲିଚନ୍ଦ୍ରପୁର(ମହାଭାରତ) ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁର ପରିସରରେ ପରିଚାଳନା ସମିତି ସଭାପତି ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱ ଏବଂ ପୂର୍ବଛାତ୍ର ସଂଯୋଜଗ ଶ୍ରୀନିବାସ ପୃଷ୍ଟିଙ୍କ ସହଯୋଗରେ ଶିକ୍ଷାବିକାଶ ସମିତି ଓଡ଼ିଶାର ମାର୍ଗ ଦର୍ଶକାରେ ପୂର୍ବ ଛାତ୍ର ଏକତ୍ରୀକରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ମୁଖ୍ୟବକ୍ତା ଅଶ୍ୱିନୀ କୁମାର ନାୟକ ଶିକ୍ଷାବିକାଶ ସମିତି ଓଡ଼ିଶାର ପ୍ରାନ୍ତନିରିକ୍ଷକ। ମଞ୍ଚାସିନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତଥା ବାଲିଚନ୍ଦ୍ରପୁର ସଂକୁଳ ସଂଯୋଜକ କୁଳମଣି ପ୍ରଧାନ। ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବରିଷ୍ଠ ଆଚାର୍ଯ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶ୍ରୀଯୁକ୍ତ ନାୟକ ସାମ୍ପ୍ରତିକ ପରିସ୍ଥିତିରେ ସମାଜିକ ସୁରକ୍ଷା ଓ ସଂସ୍କୃତିର ଅକ୍ଷୁର୍ଣ୍ଣ ନିମନ୍ତେ ଶାସ୍ତ୍ର ସହ ସସ୍ତ୍ର ଧାରଣ କରିବାକୁ ଆହ୍ୱାନ ଦେଇ କହିଥିଲେ ଯେ ଆମର ପବିତ୍ର ଗ୍ରନ୍ଥ ଯଥା - ବେଦ, ଉପନିଷେଦ, ଗୀତା, ଭାଗବତ ପୁରାଣ ଇତ୍ୟାଦିକୁ ଖଟୁଲିରେ ରଖି ପୂଜା କରିବା ପରିବର୍ତ୍ତେ□ ଅଧୟନ କରି ନିଜେ ବୁଝିବା ସହ ଅନ୍ୟକୁ ବୁଝେଇବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ହିମାଂଶୁ ଶେଖର ବଳ ପୂର୍ବଛାତ୍ର ଏକତ୍ରୀକରଣ ଦୀର୍ଘାୟୁ ନିମନ୍ତେ ମତ ପ୍ରଦାନ କରିଥିଲେ। ସଭାପତି ଅଜିତ୍ କୁମାର ମହାନ୍ତି ଆୟୋଜକ ମାନଙ୍କୁ ଭୁୟସୀ ପ୍ରଶଂସା କରିବା ସହ ଯୁବଗୋଷ୍ଠି ସକ୍ରୀୟାତ୍ମକ କାର୍ଯ୍ୟ ସହ ସଂଗଠିତ ହୋଇ କାମ କଲେ ଦେଶ ସମୃଦ୍ଧିଶାଳୀ ହୋଇପାରିବ। ମଂଚାସିନ ଅତିଥି ମାନଙ୍କ ମଧ୍ୟରେ ଉପସଭାପତି ନାରାୟଣ ଚନ୍ଦ୍ର ପଣ୍ଡା, ପୂର୍ବଛାତ୍ର ସଂଯୋଜକ ଶ୍ରୀନିବାସ ପୃଷ୍ଟି ମଞ୍ଚମଣ୍ଡନ କରିଥିବା ବେଳେ ପୂର୍ବ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଆଚାର୍ଯ୍ୟ/ଆଚାର୍ଯ୍ୟ। ବର୍ତ୍ତମାନର ଅଧାପନରତ ଆଚାର୍ଯ୍ୟ/ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା, ନିରଞ୍ଜନ ରାଉତ, ଆଚାର୍ଯ୍ୟ ପ୍ରଶାନ୍ତ ମହାରଣା, ନିରଞ୍ଜନ ନାୟକ, ପ୍ରଶାନ୍ତ କୁମାର ସାହୁ, ନବୀନ କୁମାର ସାହୁ, ନିରଞ୍ଜନ ମୁଦୁଲି, ଜୟନ୍ତୀ ରାୟ, ଜ୍ୟୋର୍ତିମୟୀ ଦାଶ, ଯଚିନ୍ଦ୍ର ମୋହନ ପଣ୍ଡା, ସରୋଜ ସାମଲ, ଦେବେନ୍ଦ୍ରନାଥ ପଣ୍ଡା, ଶିଖାଲି ବେହେରା, ଅଭୟ କୁମାର ସିଂହ, ମିନତୀ ସାହୁ, କ୍ଷମାନିଧି ପ୍ରଧାନ, ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ପୂର୍ବଛାତ୍ର ସଂଗଠନ ଗଠିତ ହୋଇଥିଲା। ସହସଂଯୋଜକ ସର୍ବେଶ୍ୱର ସ୍ୱାଇଁ, ସହସଂଯୋଜକ ସ୍ୱାତୀଶ୍ରୀ ପରିଜା କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହଯୋଗ କରିଥିଲେ। ଶୁଭେନ୍ଦୁ ଶେଖର ସାହୁ, ଶୁଭମ ରାଉତରାୟ, ଯୋଗାନନ୍ଦ ମହାନ୍ତି, ଆଶୁତୋଷ ରାୟ, ସର୍ବୋପରି କାର୍ଯ୍ୟକ୍ରମରେ ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ମଞ୍□ ପରିଚାଳନା ଆଚାର୍ଯ୍ୟ ସଙ୍ଗୀତା ସିଂହ ଓ ପୁଷ୍ପଲତା ରାଉତ କରିଥିବା ବେଳେ ଧନ୍ୟବାଦ ଅର୍ପଣ ବିଦ୍ୟାଳୟ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ କରିଥିଲେ। କାର୍ଯ୍ୟକ୍ରମର ସଫଳତାରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା। ସେବକ ସେବିକା ସହଯୋଗ କରିଥିଲେ।

# ପଟ୍ଟାମାଳ ଗ୍ରାମରେ ପଞ୍ଚମ ବାର୍ଷିକୀ ଝାମୁଯାତ୍ରା ଅନୁଷ୍ଠିତ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୮ନମ୍ବର ୱାର୍ଡ ପଟ୍ଟାମାଳ ଗ୍ରାମରେ ମାମଙ୍ଗଳା ଙ୍କ ୫ମ ବାର୍ଷିକ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଅଛି ।ଏହି ଯାତ୍ରାରେ ୮ଜଣ ଦଣ୍ଡୁଆ ଙ୍କୁ ନେଇ ନିଷ୍ଠା କାଷ୍ଠା ରେ ରହି ଭକ୍ତମାନେ ଅଗ୍ନିରେ ଚାଲିଥାନ୍ତି। ଏହି ଝାମୁ ଯାତ୍ରାରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର ସାହୁ ,ମହାବୀର ବଣିକ ମହାସଂଘ ର ସଭାପତି ଅଲେଖ କୁମାର ସାହୁ,ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ୮ନମ୍ବର କାଉନସିଲର କମଳା କୁମାରୀ ପ୍ରଧାନ, ୫ନମ୍ବର କାଉନସିଲର ମାନିନୀ ସେଠି, ୯ନମ୍ବର କାଉନସିଲର ଶୁକଦେବ ମିଶ୍ର ଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଝାମୁ ଯାତ୍ରାକୁ ଗ୍ରାମର ସଭାପତି ଯଦୁନାଥ ନାୟକ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ସହିତ ସାମ୍ବାଦିକ ଭାଇ ମାନଙ୍କୁ ସଭାପତି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଯାତ୍ରାକୁ ନିକଟସ୍ଥ ମାଳିସାହି ଗ୍ରାମର ଯୁବକ ମାନେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ବ୍ଲକ କୃଷି ଅଧିକାରୀଙ୍କ ପରଲୋକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଦୁର୍ଗାଦେଇପୁର ସାଶନ ଅବସରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ରାହାସବିହାରୀ ଦାଶ ୯୬ବର୍ଷ ରେ ବୁଧବାର ସକାଳ ୯ଟା ସମୟ ରେ ପରଲୋକ ଘଟିଛି। ସେ ଜଣେ ଧାର୍ମିକ ଓ ପରୋପକାରୀ ବ୍ୟକ୍ତି ଭାବେ ଖୁବ ଜଣାଶୁଣା ଥିଲେ ।ପାଟଣା ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରେ ଥିବା ଶ୍ରୀରାମ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରିବାରେ ପ୍ରମୁଖ୍ୟ ଭୂମିକା ରହିଥିଲା ।ଏହି ମନ୍ଦିର ନିର୍ମାଣ କରିବାରେ ସେ ତନମନଧନ ସମର୍ପଣ କରି ଥିଲେ।

## ରାୟଗଡା ପୌରପରିଷଦ ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ବିଜେଡି ସୁପ୍ରିମଙ୍କ ହ୍ୱିପ ଜାରୀ, ଆସ୍ୟାକାଲି ଭୋଟ ଗ୍ରହଣ

ରାୟଗଡା:(ମହାଭାରତ): ରାୟଗଡା ପୌରପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଆଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ରାୟଗଡା ରାଜନୀତିରେ ଚ□ଳତା ସୃଷ୍ଟି ହୋଇଛି। ୨୪ ଜଣ କାଉନସିଲର ମଧ୍ୟରୁ ୧୯ ଜଣ ସଭ୍ୟ ଏହି ପ୍ରସ୍ତାବ ଦାଖଲ କରିଥିବା ବେଳେ, ବିଜେଡ଼ି ଭିତରେ ଦଳୀୟ ଦନ୍ଦ ତୀବ୍ର ରୂପ ଧାରଣ କରିଛି ।ଏହି ପରିପ୍ରେକ୍ଷିତରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ତରଫରୁ ହ୍ୱିପ ଜାରୀ କରାଯାଇଛ। ବିଜେଡ଼ି ସଭ୍ୟମାନଙ୍କୁ ଦଳ ନିର୍ଦ୍ଦେଶ ଅନୁସାରେ ଭୋଟ ଦେବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି। ଦଳ ଉଲ୍ଲଂଘନ କଲେ ଶାସନମୂକ କାର୍ଯ୍ୟହୋଇପାରିବ ବୋଲି ସୂତ୍ର ମାଧ୍ୟମରେ ଜଣାଯାଇଛି। ଆସ୍ୟାକାଲି (୯ ଅକ୍ଟୋବର) ରାୟଗଡା ପୌରପରିଷଦ ସଭାଗୃହରେ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ହେବୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟ ଗ୍ରହଣ ଅବସରରେ ସୁରକ୍ଷା ବ୍ୟବସ୍ଥା କଟକଣା କରାଯାଇଛି। ସଭାଗୃହ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୋଲିସ୍ ବ୍ୟବସ୍ଥା ବଢ଼ାଇ ଦିଆଯାଇଛି ।ସୂତ୍ର ଅନୁସାରେ, ବିଜେଡ଼ିର ଭିତରେ ଗତ କିଛି ମାସ ଧରି ଦଳୀୟ ଅସନ୍ତୋଷ ବଢିବା ଫଳରେ ଏହି ଅନାସ୍ଥା ପ୍ରସ୍ତାବ ଉପସ୍ଥିତ ହୋଇଛି। ଜିଲ୍ଲାରେ ପୂର୍ବତନ ବିଜେଡ଼ି ନେତାମାନଙ୍କ ଦଳ ଛାଡ଼ିବା ଓ ନୂଆ ରାଜନୈତିକ ସଂଗଠନରେ ଯୋଗଦେବା ଘଟଣା ମଧ୍ୟ ଏହି ରାଜନୀତିକ ତିବ୍ରତାକୁ ବଢ଼ାଇଛ। ଏହି ଅନାସ୍ଥା ଭୋଟ ଫଳାଫଳ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ରାୟଗଡା ଜିଲ୍ଲା ରାଜନୀତିରେ ଏହା ଭବିଷ୍ୟତରେ ଦଳୀୟ ସମୀକରଣ ଓ ଶକ୍ତି ସନ୍ତୁଳନକୁ ପ୍ରଭାବିତ କରିପାରିବ।

# ୯୦ ଲିଟର ମହୁଲି ମଦ ଜବତ,୨୫୦୦ କେଜି ପୋଚ ନଷ୍ଟ ଜଣେ ଗିରଫ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ଅବକାରୀ ଥାନା ଅଧିନ ଶାଳଚୁଆ ଗ୍ରାମପଞ୍ଚାୟତ ବାଲିଡ଼ିହା ଗ୍ରାମରୁ ବୁଧବାର ଦିନ ଅବକାରୀ ବିଭାଗ ୨ ଟି ସ୍ଥାନ ରେ ଚଢ଼ାଉ କରି ଚୋରା ରେ ପ୍ରସ୍ତୁତ ହେଉଥିବା ୯୦ ଲିଟର ମହୁଲି ମଦ ଜବତ ସହ ୨୫୦୦ କେଜି ପୋଚ କୁ ନଷ୍ଟ କରିଛନ୍ତି ।ଏହି ଘଟଣା ରେ ଅବକାରୀ ବିଭାଗ ଜଣେ ଚୋରାମଦ ବେପାରୀ ଙ୍କୁ ଘଟଣାସ୍ଥଳ ରୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଚମ୍ପଟ ମାରିଥିବାର ଜଣା ପଡିଛି ।ଏ ନେଇ ଠାକୁରମୁଣ୍ଡା ଅବକାରୀ ଥାନାରେ କେଶ ନମ୍ବର ୧୨୫ ,ଓ ୧୨୬ ଅନୁଯାୟୀ ୨ ଟି ମାମଲା ରୁଜ୍ଜୁ ହୋଇଛି ।କରଞ୍ଜିଆ ଅବକାରୀ ଥାନା ଓ ଆଇ ସି ରଶ୍ମିରଞ୍ଜନ ନାଏକ,ଏ ଏସ ଆଇ ଫୁଲମଣୀ ନାଏକ,ଠାକୁରମୁଣ୍ଡା ଅବକାରୀ ବିଭାଗ ଏ ଏସ ଆଇ ଲକ୍ଷ୍ମଣ ନାଏକ ଓ ଅବକାରୀ ବିଭାଗ କର୍ମଚାରୀ ମାନେ ସକାଳ ସମୟରେ ବାଲଡ଼ିହା ଗ୍ରାମରେ ଚୋରା ରେ ମଦ ପ୍ରସ୍ତୁତ ହେଉଥିବା ସ୍ଥାନ ଉପରେ ଚଢ଼ାଉ କରି ଥିଲେ ।ଚଢ଼ାଉ ରେ ମଦ ପ୍ରସ୍ତୁତ କରୁଥିବା ମଙ୍ଗୁଲୁ ଶୁଣ୍ଡି (୩୦) ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଘଟନସ୍ଥଳ ରୁ ଚମ୍ପଟ ମାରିଥିଲେ।

## ରାଜପୁର ମା ଡୋକରି ଦେବୀଙ୍କ ୮୨ ତମ ଦଶହରା ବା କୁମାରଉତ୍ସବ ଓ ଝାମୁ ଯାତ୍ରା ପାଳିତ

ଜୁନାଗଡ଼ (ମହାଭାରତ ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡୋକରି ଦେବୀଙ୍କ ୮୨ ତମ ଦଶହରା ବା କୁମାରସୌବ ଓ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଛି । ଡୋକରି ଦେବୀଙ୍କ ଦଶହରା ପର୍ବ ସମୟରେ ମହାମୟୟୀ ଅଷ୍ଟମୀ ଦିନରେ କାର୍ଲୟପାଟ ପୀଠରୁ ଆଜ୍ଞାମାଳ ଅଣାଯାଇ ବିଜୟା ଦଶମୀ ଦିନରେ ମାଙ୍କ ମାଳ ପୀଠରେ ପହଞ୍ଚି ଥିଲା ।କୁମାର ଉତ୍ସବ ଦିନରେ ଡୋକରି ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଯସକାଳ ୬ ଟାରେ ଶୁଭ ଖମ୍ବ ସ୍ଥାପନ କରାଯାଇଥିଲା ।ମା ଡୋକରି ଦେବୀ ଓ ବୁଢା ରଜା ଦୁହେଁ ଝାମୁ ଯାତ୍ରାରେ ଅଗ୍ନି ପରୀକ୍ଷା ଦେଇଥିଲେ ।ଏହିଝାମୁ ଯାତ୍ରା ଅପରାହ୍ନ ୪ ଟା ସମୟରେ ଶହ ଶହ ଲୋକଙ୍କ ସମାଗମ ରେ ,ଘଣ୍ଟ ,ବାଦ୍ୟ ର ଧ୍ୱନି ରେ ଝାମୁ ପରିସର ପ୍ରକମ୍ପିତ ଉଠିଥିଲା ।ପରେ ଦୁହେଁ ନଗର ପରିକ୍ରମା କରିଥିଲେ ଯରାତିରେ ଡୋକରି ଦେବୀଙ୍କୁ ରାଜପୁର ଯୁବରାଜ ଅନୀଲ ସିଂଦେଓ ତାଙ୍କ ଇଷ୍ଟ ଦେବୀଙ୍କୁ ଅଖଣ୍ଡ ଜ୍ୟୋତି ପ୍ରଦାନ କରିଥିଲେ ।ମଧ୍ୟ ରାତ୍ରିରେ ମାନସିକ କରିଥିବା ଲୋକେ ମାଙ୍କୁ ଗଡ଼ରୟ ,ବୋଦା ଆଦି ବଳି ଦେଇଥିଲେ । ପୂଜକ କମଳା କାନ୍ତ ପୁଝାରି ,ପ୍ରମୋଦ ପୁଝାରି ଏବଂ ଶାନ୍ତନୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ସମସ୍ତ ପୂଜାବିଧି ରୀତିନୀତି ଅନୁସାରେ କରାଯାଇଥିଲା ।ସନ୍ଧ୍ୟାରେ ଯୁବରାଜ ଅନୀଲ ସିଂଦେଓ ଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏଥିରେ ଘୁମୁରା ,ମେଲୋଡି ଓ ନାଟକ ରେ ସମସ୍ତ ଦର୍ଶକ ସାରା ରାତି ଝୁମିଥିଲେ ।ପରେ ପୁରାତନ ଓ ନୂତନ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଆୟୋଜନ କମିଟିର ସଭାପତି ଗଜିନ୍ଦ୍ର ମାଝି ଙ୍କ ସଭାପତିତ୍ୱରେ ମଞ୍ଚ ଉଦ୍ଘାଟନ କରିଥିଲେ ବିଶିଷ୍ଟ,ସମାଜ ସେବୀ ଦୁର୍ଗା ପ୍ରାସାଦ ନାଏକ ଏବଂ ତାଙ୍କର ଅଭିଭାଷଣ ରଖିଥିଲେ , ସଭାପତି ଗାଜିନ୍ଦ୍ର ମାଝୀ ଉପ ସଭାପତି ସୁରେଶ ବାରିକ ,ସମ୍ପାଦକ ତପନ ପାଣିଗ୍ରାହୀ ,ସହ ସମ୍ପାଦକ ମଳୟ ଗୁରୁ ,କୋଷାଧକ୍ଷ ସୁବୋଧ ଠେଲା ପ୍ରମୁଖ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ ।ପୁରାତନ ଓ ନୂତନ ଘୁମୁରା ପ୍ରତିଯୋଗିତାରେ ବିଚାରକ ଭାବେ ମନୋଜ ଠେଲା ,ସତ୍ୟ ଗୁରୁ ,ଦାଶରଥି ପୁରୋହିତ ଏବଂ ଅଭିରାମ ପ୍ରଧାନୀ ଦାୟିତ୍ୱ ନେଇଥିଲେ ।ପୁରାତନ ଘୁମୁରା ଦଳ ପ୍ରତିଯୋଗିତାରେ ମା ଡୋକରି ଘୁମୁରା ଦଳ ରାଜାମୁଣ୍ଡା ପ୍ରଥମ ,ଜମ୍ବେଶ୍ୱର ଘୁମୁରା ଦଳ ମୋଟେର ଦ୍ୱିତୀୟ ଏବଂ ମା ଜଗତ ଜନନୀ ଘୁମୁରା ଦଳ ଜୟପାଟଣା ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବୀଣାଶ୍ରୀ କରଙ୍କ ଶ୍ରାଦ୍ଧ ବାର୍ଷିକୀ



ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ରାହାଳ ନିବାସୀ ଶିକ୍ଷୟିତ୍ରୀ ସ୍ୱର୍ଗତ ବୀଣାଶ୍ରୀ କରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ତାଙ୍କ ସ୍ମୃତି ବୀଣାଶ୍ରୀ ସଂକଳିତ 'ଅପାଶୋରା ଅଭୁଲା ସ୍ମୃତି ବୀଣାଶ୍ରୀ' ରାହାଳ ଠାରେ ଉନ୍ମୋଚିତ ହୋଇଯାଇଛି। ଶିକ୍ଷାବିତ୍ ଦାମୋଦର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଡ଼ଃ ଗିରିଶ ବିହାରୀ ମିଶ୍ର ମୁଖ୍ୟ ଅତିଥି, ପ୍ରାଧାପକ ଡ଼ଃ ଦାମୋଦର ବେହେରା, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ସୁଶାନ୍ତ କୁମାର ଶତପଥି, ଡ଼ଃ ଅଜୟ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ଲେଙ୍କା, ରାଧାନାଥ ଦାଶ, ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ଲେଙ୍କା, ସାମ୍ବାଦିକ ମହେଶ୍ୱର ବଳ, ପତ୍ରିକା ସମ୍ପାଦକ ତଥା ସମାଜସେବୀ ଅଭିମନ୍ୟୁ ଧଳ, କୋରାପୁଟ ନନ୍ଦପୁର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ଧଳ, ପ୍ରାକ୍ତନ ସରପଞ୍ଚ ଗଣେଶ୍ୱର ସାମଲ, ଶିକ୍ଷକ ସଂଘ ସଭାପତି ସନ୍ତୋଷ ଜେନା, ପ୍ରଧାନ ଶିକ୍ଷକ ବୀରବର ମହାରଣା ଓ ପ୍ରଶାନ୍ତ କୁମାର ସାମନ୍ତରାୟ, ବଙ୍ଗୁ ଚରଣ ସିଂ, ରବିନ୍ଦ୍ର ଲେଙ୍କା, ପ୍ରାକ୍ତନ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ପାଲ, ଭଗବାନ ପଣ୍ଡା, ପଦ୍ମଚରଣ ରାଉତ, ଗୁରୁଚରଣ ବାରିକ, ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗଦେଇ ବୀଣାଶ୍ରୀଙ୍କ ଶିକ୍ଷକତା ପ୍ରତିଭାର ସ୍ମୃତିଚାରଣ କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ପ୍ରଶାନ୍ତ କୁମାର ବେହୁରିଆ, ଆଇନଜୀବୀ ଦେବରାଜ ବେହେରା ସଭାସଦ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବୀଣାଶ୍ରୀ ସ୍ୱାମୀ ବିଶିଷ୍ଟ ଛାତ୍ରନେତା ଅକ୍ଷୟ କୁମାର ମିଶ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବାଏ ବାଏ ଜିମେଲ, ଏଣିକି ଜୋହୋ ମେଲ: ଶାହ ବଦଳାଇଲେ ଇମେଲ




ନୂଆଦିଲ୍ଲୀ: ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କ ଇମେଲ୍ ପରିବର୍ତ୍ତନ ନେଇ ଘୋଷଣା କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ସେ ଘୋଷଣା କରିଛନ୍ତି ଯେ ସେ ଏବେ ଜିମେଲ ବଦଳରେ ଜୋହୋ ମେଲ୍ ବ୍ୟବହାର କରୁଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଏକ୍ସ ପୋଷ୍ଟରେ ଲେଖିଛନ୍ତି, 'ମୁଁ ମୋର ଇମେଲ୍ ଠିକଣା ଜୋହୋ ମେଲ୍‌କୁ ପରିବର୍ତ୍ତନ କରିଛି । ଦୟାକରି ମୋର ଇମେଲ୍ ଠିକଣାରେ ପରିବର୍ତ୍ତନକୁ ଧ୍ୟାନ ଦିଅନ୍ତୁ । ମୋର ନୂତନ ଇମେଲ୍ ଠିକଣା ହେଉଛି 'amitshah.bjp @ http://zohomail.in ।' ଭବିଷ୍ୟତର ଇମେଲ୍ ପଠାଇବା ପାଇଁ ଦୟାକରି ଏହି ଠିକଣା ବ୍ୟବହାର କରନ୍ତୁ ।' ଉଲ୍ଲେଖ ଥାଉ କି ଜୋହୋ ମେଲ୍ ଏକ ସୁରକ୍ଷିତ ଏବଂ ବୃତ୍ତିଗତ ଇମେଲ୍ ସେବା ଯାହା ୟୁଜର୍ସଙ୍କୁ ଉତ୍ତମ ଡାଟା ପରିଚାଳନା ଏବଂ ଏକ ସୁବିଧାଜନକ ମେଲିଂ ଅଭିଜ୍ଞତା ପ୍ରଦାନ କରେ । ଏହା ବିଶେଷ ଭାବରେ କମ୍ପାନୀ ଏବଂ ବୃତ୍ତିଗତମାନଙ୍କ ପାଇଁ ଡିଜାଇନ୍ କରାଯାଇଛି । ସମ୍ପ୍ରତି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ତାଙ୍କର ଇମେଲ୍ ଠିକଣା ଜୋହୋ ମେଲ୍‌କୁ ପରିବର୍ତ୍ତନ କରିଛନ୍ତି, ଯାହା ଏହାର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିଛି । ଜୋହୋ ମେଲ, ଜୋହୋ କର୍ପୋରେସନ୍ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଅନଲାଇନ୍ ଇମେଲ୍ ସେବା ଯାହା ଜିମେଲର ଏକ ଉତ୍ତମ ବିକଳ୍ପ । ଆପଣ ଆପଣଙ୍କ କମ୍ପାନୀ କିମ୍ବା ସଂଗଠନର ନିଜସ୍ୱ ଡୋମେନ୍ ସହିତ ଏକ ଇମେଲ୍ ଆକାଉଣ୍ଟ୍ ସୃଷ୍ଟି କରିପାରିବେ, ଯାହା ଆପଣଙ୍କ ବ୍ୟବସାୟକୁ ଏକ ବୃତ୍ତିଗତ ପରିଚୟ ପ୍ରଦାନ କରିବ । ଏହା ବ୍ୟତୀତ, ଜୋହୋ ମେଲ୍ ବ୍ୟବହାରକାରୀମାନଙ୍କୁ କୌଣସି ବିଜ୍ଞାପନ ବିନା ଏକ ସ୍ୱଚ୍ଛ ଏବଂ ବିଜ୍ଞାପନ-ମୁକ୍ତ ଅଭିଜ୍ଞତା ପ୍ରଦାନ କରେ । ଜୋହୋ ମେଲ୍‌ର ଆଉ ଏକ ସୁବିଧା ହେଉଛି ଯେ ଏହା ଜୋହୋ ସିଆରଏମ, ଜୋହୋ ଡକ୍ସ ଏବଂ ଜୋହୋ ପ୍ରୋଜେକ୍ଟ ଭଳି ଅନ୍ୟ ଜୋହୋ ଟୁଲ ସହିତ ନିର୍ବିଘ୍ନରେ ଯୋଡିହୋଇଯାଏ । ଯାହା ଆପଣଙ୍କ କାମକୁ ଆହୁରି ସୁଗମ କରିଥାଏ । ଆପଣ ଯେକୌଣସି ଡିଭାଇସରୁ ଜୋହୋ ମେଲ୍ ଆକ୍ସେସ୍ କରିପାରିବେ ।

## କାନପୁର ମସଜିଦ ନିକଟରେ ବିସ୍ଫୋରଣ: ୮ ଆହତ

କାନପୁର : ଉତ୍ତରପ୍ରଦେଶର କାନପୁରସ୍ଥିତ ମିଶ୍ରି ବଜାର ଅଞ୍ଚଳରେ ଏକ ସଂଦିଗ୍ଧ ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ଜଣେ ମହିଳାଙ୍କ ସହ ଆଠ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଡାକ୍ତରଖାନା ପଠାଯାଇଛି । ବିସ୍ଫୋରଣର କାରଣ ସଂପର୍କରେ ତଦନ୍ତ ପାଇଁ ଏକ ଫୋରେନସିକ୍ ଦଳ ଘଟଣାସ୍ଥଳରେ ପହଞ୍ଚିଛି । କିନ୍ତୁ ଏହା ଏକ ବୋମା ବିସ୍ଫୋରଣ କି ଅନ୍ୟ କୌଣସି ବିସ୍ଫୋରଣ ତାହା ସ୍ପଷ୍ଟ ହୋଇନାହିଁ । କେତେକ ଲୋକଙ୍କ ମତରେ ଘରେ ରଖାଯାଇଥିବା ଏକ ସିଲିଣ୍ଡର ବିସ୍ଫୋରଣ ହେବା ପରେ ଏହି ଘଟଣା ଘଟିଛି । ଆଉ କେତେକ ଲୋକଙ୍କ ମତରେ ସ୍କୁଟରରେ ବାଣ ରଖାଯାଇଥିଲା । ଏହି ବିସ୍ଫୋରଣ ଯୋଗୁଁ ନିକଟସ୍ଥ ଏକ ଫୋଟକା ଦୋକାନରେ ନିଆଁ ଲାଗିଥିଲା, ଯାହା ଫଳରେ ଆହତ ହୋଇଛନ୍ତି । କାନପୁର ପୁଲିସ କମିସନର ରଘୁବୀର ଲାଲ ଏବଂ ଯୁଗ୍ମ ପୁଲିସ କମିସନର ଆଶୁତୋଷ କୁମାର ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୁଲିସ କମିସନର କହିଛନ୍ତି ଯେ ଏହି ଘଟଣାରେ ୮ ଜଣ ଆହତ ହୋଇଛନ୍ତି, କିନ୍ତୁ କାହାର ମୃତ୍ୟୁ ଘଟିନାହିଁ । ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି । ତେବେ ଲୋକମାନେ ଗୁଜବ ପ୍ରତି ଧ୍ୟାନ ନ ଦେବାକୁ ସେ ନିବେଦନ କରିଛନ୍ତି ।

## ପାକିସ୍ତାନ ପରେ ଚୀନ୍ ଠାରୁ ଯୁଦ୍ଧ ବିମାନ କିଣିବ ବାଂଲାଦେଶ !



ନୂଆଦିଲ୍ଲୀ: ପାକିସ୍ତାନ ପରେ ବାଂଲାଦେଶ ଏବେ ଚୀନ୍ ଠାରୁ ଜେ-୧୦ସିଇ ଯୁଦ୍ଧ ବିମାନ କିଣିବାକୁ ପ୍ରସ୍ତୁତ ହେଉଛି । ଆପଣମାନଙ୍କୁ ଜଣାଇ ଦେବାକୁ ଚାହିଁବୁ କି ଉକ୍ତ ବିମାନକୁ ପାକିସ୍ତାନ ଭାରତର ସିନ୍ଦୁର ଅପରେସନ୍ ସମୟରେ ରାଫେଲ୍ ମୁକାବିଲା କରିବା ପାଇଁ ପଠାଇଥିଲା । କିନ୍ତୁ ଭାରତୀୟ ସେନା ଏହାକୁ ମାରି ଖସାଇ ଦେଇଥିଲେ । ରିପୋର୍ଟ ଅନୁଯାୟୀ, ବାଂଲାଦେଶ ଚୀନ୍ ଠାରୁ ୨୦ ଟି ଜେ-୧୦ସିଇ ଯୁଦ୍ଧ ବିମାନ କିଣିବାକୁ ଯୋଜନା କରୁଛି । ଏହି ଚୁକ୍ତି ପ୍ରାୟ ୨.୨ ବିଲିୟନର ହୋଇପାରେ ବୋଲି ଆକଳନ କରାଯାଉଛି । ଏଥିରେ ବିମାନ କ୍ରୟ, ତାଲିମ, ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ ବୈଷୟିକ ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିବ । ଜେ-୧୦ସିଇ ଚୀନର ଜେ-୧୦ସି ଏକ୍ସପୋର୍ଟ ଭର୍ସନ ବୋଲି କୁହାଯାଏ । ଏହା ଉଚ୍ଚ ଉଡ଼ାଣ ପାଇଁ ବେଶ ଜଣାଶୁଣା । ଯୁଦ୍ଧ ବିମାନ କିଣିବାକୁ ନେଇ ବାଂଲାଦେଶ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ କୌଣସି ପ୍ରକାର ଘୋଷଣା କରିନାହିଁ । ବାଂଲାଦେଶ ବାୟୁସେନା ପାଖରେ ବର୍ତ୍ତମାନ ୨୧୨ ଟି ବିମାନ ଅଛି । ଯେଉଁଥିରେ ୪୪ଟି ଯୁଦ୍ଧ ବିମାନ ଅଛି । ଏଥିମଧ୍ୟରୁ କିଛି ପୁରୁଣା ବିମାନ ଅଛି । ଯାହାକୁ ବଦଳାଇ ବାଂଲାଦେଶ ଜେ-୧୦ସିଇ ଯୁଦ୍ଧ ବିମାନ କିଣିବା ପାଇଁ ଯୋଜନା କରୁଛି । 'ସିନ୍ଦୁର ଅପରେସନ୍' ସମୟରେ ଭାରତ ବିମାନ ଆକ୍ରମଣ କରି ପାକିସ୍ତାନକୁ ଘାଇଲା କରି ଦେଇଥିଲା । ଭାରତୀୟ ବାୟୁସେନା ୧୨ ରୁ ୧୩ ଟି ପାକିସ୍ତାନୀର ଯୁଦ୍ଧ ବିମାନ ନଷ୍ଟ କରିଥିଲା, ଯେଉଁଥିରେ ଜେଏଫ-୧୬, ଜେଏଫ-୧୭ ଓ ଜେ-୧୦ସିଇ ଯୁଦ୍ଧ ବିମାନ ମଧ୍ୟ ସାମିଲ ଥିଲା ।

## କେବେଠାରୁ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ିବ ବିମାନ ?

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର (ଘଗଓଇ)ର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିଥିଲେ । ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ୧୯,୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ଏହା ଭାରତର ସର୍ବବୃହତ ଗ୍ରୀନଫିଲ୍ଡ ବିମାନବନ୍ଦର ପ୍ରକଳ୍ପ ଯାହା ଏକ ସରକାରୀ-ଘରୋଇ ସହଭାଗୀତା (ଚଚଚ) ମଡେଲରେ ବିକଶିତ ହୋଇଛି । ମୁମ୍ବାଇ ମହାନଗର ଅଞ୍ଚଳର ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର ଭାବରେ, ଏନଏମଆଇଏ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ସହିତ ମିଳିତ ଭାବରେ ଭିଡ଼ ହ୍ରାସ କରିବ ଏବଂ ଯାହାଦ୍ୱାରା ମୁମ୍ବାଇ ଗ୍ଲୋବାଲ୍ ମଲ୍ଟି-ଏୟାରପୋର୍ଟ ସିଷ୍ଟମରେ ସାମିଲ ହୋଇପାରିବ । ବର୍ଷ ଶେଷଆଡକୁ ଅର୍ଥାତ ଡିସେମ୍ବର ୨୦୨୫ ରେ ନଭି ମୁମ୍ବାଇ ବିମାନବନ୍ଦରରୁ ବିମାନ ଚଳାଚଳ ଆରମ୍ଭ ହେବାର ଯୋଜନା ରହିଛି । ସେହିପରି ଅକ୍ଟୋବର ଶେଷ ସୁଦ୍ଧା ଟିକେଟ୍ ବିକ୍ରି ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଇଣ୍ଡିଗୋ, ଆକାସା ଏୟାର ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମଧ୍ୟ ଏଠାରୁ ବିମାନ ଚଳାଚଳ କରିବେ । ଏହି ବିମାନବନ୍ଦର ହେଉଛି ଭାରତର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ୍ ବିମାନବନ୍ଦର ଯେଉଁଠାରେ ଯାନବାହାନ ପାର୍କିଂ ସ୍ଲଟର ପ୍ରି-ବୁକିଂ, ଅନଲାଇନ୍ ବ୍ୟାଗେଜ୍ ଡ୍ରପ୍ ବୁକିଂ ଏବଂ ଇମିଗ୍ରେସନ୍ ସେବା ଭଳି ସୁବିଧା । ବିମାନବନ୍ଦର ପରିଚାଳନା କରୁଥିବା ଆଦାନୀ ବିମାନବନ୍ଦର ହୋଲ୍ଡିଂସ୍ ଲିମିଟେଡ୍ (ଇଇଐଖ)ର ସିଇଓ ଅରୁଣ ବଂଶଲଙ୍କ ଅନୁଯାୟୀ, ଆପଣ ଆପଣଙ୍କ ଫୋନରେ ଏକ ବାର୍ତ୍ତା ପାଇବେ ଯେଉଁଥିରେ ଆପଣଙ୍କୁ ଜଣାଯିବ ଯେ କାରୋସେଲରେ ଆପଣଙ୍କ ବ୍ୟାଗ୍ କେଉଁଠି ଅଛି । ବିମାନବନ୍ଦରଟି ଘରୋଇ ଏବଂ ଆନ୍ତର୍ଜାତୀୟ ଯାତ୍ରୀମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସହିତ ସଜ୍ଜିତ । ଏଥିରେ ୩୭୦୦ ମିଟର ଲମ୍ବା ରନୱେ ରହିଛି । ଏଥିରେ ଏକ ଆଧୁନିକ ଯାତ୍ରୀ ଟର୍ମିନାଲ ଏବଂ ବଡ଼ ବାଣିଜ୍ୟିକ ବିମାନ ପରିଚାଳନା ପାଇଁ ଏକ ଉନ୍ନତ ବିମାନ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

## ରାଜସ୍ଥାନରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ



ଶ୍ରୀମାଧୋପୁର : ରାଜସ୍ଥାନର ଶ୍ରୀମାଧୋପୁରର ନ୍ୟୁ ରେଲୱେ ଷ୍ଟେସନ ନିକଟରେ ବଡ଼ ଦୁର୍ଘଟଣା । ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି । ଫଳରେ ଟ୍ରାକରୁ ୩୬ରୁ ଅଧିକ ଡବା ଲାଇନଚ୍ୟୁତ ହୋଇଥିବା ଜଣାପଡିଛି । ଟ୍ରେନ ବଗିଗୁଡିକ ପରସ୍ପର ଉପରେ ମାଡ଼ି ହୋଇପଡିଛି । ଏହି ଘଟଣା ପରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଖବର ମୁତାବକ, ମାଲବାହୀ ଟ୍ରେନ ଫୁଲେରାରୁ ରିୱାଡିକୁ ଯାଉଥିଲା । ମାଲବାହୀ ଟ୍ରେନ ସ୍ଲୋ ଥିବା ଯୋଗୁଁ ସାମ୍ନାକୁ ଏକ ଷଣ୍ଢ ପଶିଆସିଥିଲା । ଷଣ୍ଢକୁ ବଞ୍ଚାଇବା ପାଇଁ ମାଲଗାଡ଼ି ଲାଇନଚ୍ୟୁତ ହୋଇଥିବା ଜଣାପଡିଛି । ତେବେ ଘଟଣାର ସତ୍ୟାସତ୍ୟ ଜଣାପଡିନାହିଁ । ଘଟଣାରେ ୩୬ରୁ ଅଧିକ ଡବା ଲାଇନଚ୍ୟୁତ ହୋଇଛି । ଘଟଣା ବିଷୟରେ ଜଣାପଡିବା ପରେ ରେଲୱେ ଅଧିକାରୀ ଜିଆରପି ତଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଟ୍ରାକରୁ ବଗି ଉଠାଇବାକୁ କାମ ଆରମ୍ଭ ହୋଇଛି । କୌଣସି ଜନହାନୀ ହୋଇନାହିଁ । କିନ୍ତୁ ରେଳ ଯାତାୟତ ବାଧାପ୍ରାପ୍ତ ହୋଇଛି । ଅନେକ ଟ୍ରେନ ବିଳମ୍ବ ରହିଥିବା ବେଳେ ଅନେକର ରୁଟ୍ ପରିବର୍ତ୍ତନ କରାଯାଇଛି ।

## ବିଷାକ୍ତ କଫ୍ ସିରପ ପିଇ ମରିଲେଣି ୨୦ରୁ ଅଧିକ ଶିଶୁ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କଫ ସିରପ୍ କୋଲଡ୍ରିଫ୍ ସହିତ ଜଡିତ ଶିଶୁ ମୃତ୍ୟୁ ମାମଲା ଥମିବାର ନାଁ ଧରୁନାହିଁ । କଫ୍ ସିରପଜନୀତ ଶିଶୁ ମୃତ୍ୟୁ ମାମଲାକୁ ସପ୍ତାହ ବିତିଗଲା ପରେ ବି ଏପର୍ଯ୍ୟନ୍ତି ଶୋକାକୁଳ ପିତାମାତା ଉତ୍ତର ଖୋଜି ବୁଲୁଛନ୍ତି ।



ତେବେ ଏହି ମାମଲାରେ ଏବେ ସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଉଛନ୍ତି ଏକ ସରକାରୀ ହସ୍ପିଟାଲର ଜଣେ ଶିଶୁ ବିଶେଷଜ୍ଞ । ତେବେ ରିପୋର୍ଟରୁ ଜଣାପଡ଼ିଛି ଯେ ଏପର୍ଯ୍ୟନ୍ତ, କୋଲଡ୍ରିଫ୍ ଖାଇବା ପରେ ୨୦ ଜଣ ଶିଶୁଙ୍କ ମୃତ୍ୟୁ ହୋଇ ସାରିଲାଣି । ଯାହା କିଡନୀ ଫେଲ ହେବାର କାରଣ ହୋଇଥିବା ବେଳେ ଏହା ଅତ୍ୟନ୍ତ ବିଷାକ୍ତ ଶିଳ୍ପ ରାସାୟନିକ ପଦାର୍ଥ ଡାଏଥିଲିନ୍ ଗ୍ଲାଇକଲ୍ ପଜିଟିଭ୍ ବୋଲି ପରୀକ୍ଷା ପରେ ଜଣାପଡ଼ିଥିଲା । ମଧ୍ୟପ୍ରଦେଶ ପୁଲିସ ଡାକ୍ତର ପ୍ରବୀଣ ସୋନିଙ୍କୁ ଗିରଫ କରିଥିଲା, କିନ୍ତୁ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଏହି ପଦକ୍ଷେପକୁ ଦୃଢ଼ ନିନ୍ଦା କରିଥିଲା । ଔଷଧ କମ୍ପାନିକୁ କାହିଁକି କ୍ଲିନ୍ ଚିଟ୍ ଦିଆଗଲା ବୋଲି ପ୍ରଶ୍ନ କରିଥିଲା । ଡାକ୍ତରମାନେ ଗିରଫଦାରୀର ପ୍ରତିବାଦ କରିବା ସହିତ ଔଷଧ ନିୟାମକଙ୍କଠାରୁ ଦାୟିତ୍ୱ ଦାବି କରିଥିଲେ । କର୍ତ୍ତୃପକ୍ଷ ପ୍ରଦୂଷଣର ଉତ୍ସ ବିଷୟରେ ତଦନ୍ତ ଜାରି ରଖିଛନ୍ତି କିନ୍ତୁ ଅନେକ ପ୍ରଶ୍ନକୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ ।

## ଭାରତ ସହ ସଂପର୍କକୁ ସୁଧାର : ଟ୍ରମ୍ପଙ୍କୁ ଚିଠି ଲେଖିଲେ ୨୧ ଆମେରିକୀୟ ସାଂସଦ



ୱାସିଂଟନ : ଭାରତ ଉପରେ ଶୁଳ୍କ ଲାଗୁ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିଜ ଦେଶରେ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି । ପୂର୍ବତନ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ସମେତ ଅନେକ ସାଂସଦ ଓ ଅଧିକାରୀ ଭାରତ ସହିତ ସମ୍ପର୍କକୁ କ୍ଷତି ପହଞ୍ଚାଇବା ପାଇଁ ଟ୍ରମ୍ପଙ୍କୁ ସମାଲୋଚନା କରୁଛନ୍ତି । ଆମେରିକୀୟ କଂଗ୍ରେସ ସଦସ୍ୟ ଡେବୋରା ରସ୍ ଏବଂ ରୋ ଖାନ୍ନାଙ୍କ ନେତୃତ୍ୱରେ ମୋଟ ୨୧ ଜଣ ସାଂସଦ ଟ୍ରମ୍ପଙ୍କୁ ଏକ ଚିଠି ଲେଖିଛନ୍ତି, ଭାରତ ସହିତ ସମ୍ପର୍କକୁ ତୁରନ୍ତ ସୁଧାରିବା ପାଇଁ ଅନୁରୋଧ କରିଛନ୍ତି । ସେମାନେ ଟ୍ରମ୍ପ ପ୍ରଶାସନକୁ ଭାରତ ଉପରେ ବର୍ଦ୍ଧିତ ଶୁଳ୍କ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରିଛନ୍ତି । ବୁଧବାର (୮ ଅକ୍ଟୋବର, ୨୦୨୫) ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଚିଠିରେ ଏହି ଆମେରିକୀୟ ସାଂସଦମାନେ କହିଛନ୍ତି, 'ସମ୍ପ୍ରତି ଶୁଳ୍କ ବୃଦ୍ଧି, ଯାହା ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତ ସହିତ ସମ୍ପର୍କକୁ ବିଗାଡ଼ି ଦେଇଛି । ଏହା ଉଭୟ ଦେଶ ପାଇଁ ନକାରାତ୍ମକ ପରିଣାମ ଆଣିଛି ।' ସମସ୍ତ ୧୯ ଜଣ ସାଂସଦ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ସହଭାଗୀତାର ପୁନରୁଦ୍ଧାର ଏବଂ ଉନ୍ନତ କରିବାକୁ ଆହ୍ୱାନ କରିଛନ୍ତି ।

## ନିଜ ବନ୍ଧୁକରେ ନିଜ ଜୀବନ ହାରିଦେଲେ ଆଇପିଏସ ଅଫିସର



ହରିୟାଣା: ହରିୟାଣା ଆଇଜି ୱାଇ ପୁରନ କୁମାର କାହିଁକି ଜୀବନ ହାରି ଦେଲେ ! ଏହି ପ୍ରଶ୍ନ ଏକ ରହସ୍ୟ ହୋଇ ରହିଛି । ସେ ଚାପରେ ଥିଲେ ନା କୌଣସି କାରଣରୁ ଡରିଥିଲେ ? ତଦନ୍ତ ଆଗକୁ ବଢ଼ିବା ସହିତ ମାମଲାରେ ନୂଆ ମୋଡ଼ ସାମ୍ନାକୁ ଆସୁଛି । ଏବେ ଯାହା ସୂଚନା ଆସୁଛି ତାକୁ ନେଇ ସନ୍ଦେହ ଆହୁରି ଘନୀଭୂତ ହେବାରେ ଲାଗିଛି । ବରିଷ୍ଠ ଆଇପିଏସ ଅଧିକାରୀ ପୁରନ କୁମାର ଦୁର୍ନୀତି ମାମଲା ଯୋଗୁଁ ଭୟଭୀତ ହୋଇ ପଡ଼ିଥିଲେ ? ସେ କ'ଣ ମଦ, ଲାଞ୍ଚ ଏବଂ ଅଡିଓ କ୍ଲିପ୍ ଯୋଗୁଁ ଜୀବନ ହାରିଲେ କି ? ହରିୟାଣା ପୋଲିସ ମହାନିରୀକ୍ଷକ ୱାଇ ପୁରନ କୁମାର ମଙ୍ଗଳବାର ଦିନ ଚଣ୍ଡିଗଡ଼ର ସେକ୍ଟର-୧୧ ସ୍ଥିତ ତାଙ୍କ ବାସଭବନରେ ନିଜକୁ ଗୁଳି କରି ଜୀବନ ହାରିଥିବା ଅଭିଯୋଗ ହୋଇଛି । ତେବେ ତାଙ୍କ ଜୀବନ ହାରିବା ଘଟଣାକୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି । ରୋହତକ ରେଞ୍ଜର ପୂର୍ବତନ ଆଇଜି ୱାଇ.ପୁରନ କୁମାରଙ୍କ ଗନମ୍ୟାନ୍ ସୁଶୀଲ କୁମାରଙ୍କ ବିରୋଧରେ ଏକ ଦୁର୍ନୀତି ମାମଲା ରୁଜୁ ହୋଇଥିଲା । ଗନମ୍ୟାନ୍ ସୁଶୀଲ କୁମାର ପୋଲିସ ହେପାଜତରେ ସ୍ୱୀକାର କରିଛନ୍ତି ଯେ ସେ ପୂର୍ବତନ ଆଇଜିଙ୍କ ନିର୍ଦ୍ଦେଶରେ ମାସିକ ଲାଞ୍ଚ ମାଗିଥିଲେ । ଦୁଇ ଦିନ ପୂର୍ବରୁ ଏ ନେଇ ରୋହତକର ଅର୍ବାନ୍ ଇଷ୍ଟେଟ୍ ପୋଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ ହୋଇଥିଲା । ଏହି ଏଫଆଇଆର ରୋହତକ ରେଞ୍ଜର ପୂର୍ବତନ ଆଇଜି ୱାଇ.ପୁରନ କୁମାରଙ୍କ ଗନମ୍ୟାନ୍ ସୁଶୀଲ କୁମାରଙ୍କ ବିରୋଧରେ ଥିଲା । ଏଥିରେ ସୁଶୀଲ କୁମାରଙ୍କ ଉପରେ ଜଣେ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ଦାବି କରିବାର ଅଭିଯୋଗ ହୋଇଥିଲା । ରୋହତକ ପୋଲିସ ସୂତ୍ରରୁ ଜଣାପଡିଛି ଯେ ପୁରନ କୁମାରଙ୍କ ଗନମ୍ୟାନ୍ ସୁଶୀଲ ଜଣେ ମଦ ବ୍ୟବସାୟୀଙ୍କଠାରୁ ମାସିକ ୨ରୁ ଅଢ଼େଇ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲା । ଏକ ଅଡିଓ କ୍ଲିପ୍ ଉଦ୍ଧାର ହେବା ପରେ ସୁଶୀଲଙ୍କୁ ଗିରଫ କରାଯାଇଥିଲା । ପଚରା ଉଚରା ସମୟରେ ସୁଶୀଲ ପୁରନ କୁମାରଙ୍କ ନାମ ନେଇଥିଲେ । ରୋହତକ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ସୁଶୀଲଙ୍କୁ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତରେ ରଖିଥିଲା । ଏହି ସମୟରେ, ସେପ୍ଟେମ୍ବର ୨୯ ତାରିଖରେ ସରକାର ରୋହତକ ରେଞ୍ଜର ଆଇଜି ପଦରୁ ପୂରନ କୁମାରଙ୍କୁ ହଟାଇ ଦେଇଥିଲେ । ତାଙ୍କୁ ସୁନାରିଆର ପୋଲିସ ତାଲିମ ମହାବିଦ୍ୟାଳୟର ଆଇଜି ଭାବେ ନିଯୁକ୍ତ କରିଥିଲେ । ଏହି ସ୍ଥାନାନ୍ତରକୁ ପୋଲିସ ବିଭାଗ ଭିତରେ ଏକ ପ୍ରକାର ଦଣ୍ଡ ଭାବରେ ବିବେଚନା କରାଯାଇ ଥିଲା । ପୋଲିସ ଅନୁଯାୟୀ, ମୃତ ଅଧିକାରୀଙ୍କ ବାସଭବନରୁ ଏକ ଇଚ୍ଛାପତ୍ର ଏବଂ ଶେଷ ଚିଠି ଉଦ୍ଧାର କରାଯାଇଛି । ପୋଲିସ କହିଛି ଯେ ପୁରନ କୁମାର ତାଙ୍କ ସର୍ଭିସ୍ ରିଭଲଭରରେ ନିଜକୁ ଗୁଳି କରିଥିବା ଅଭିଯୋଗ ହୋଇଛି । ପୁରନଙ୍କ ଝିଅ ତାଙ୍କ ମୃତଦେହ ବେସମେଣ୍ଟରେ ପାଇଥିଲେ । ତଥାପି, ଘଟଣାସ୍ଥଳରୁ ଜୀବନ ହାରିବା ନେଇ କୌଣସି ନୋଟ୍ ମିଳି ନାହିଁ । ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଜୀବନ ହାରିବାର ପ୍ରକୃତ କାରଣ ନିର୍ଣ୍ଣୟ କରିବା ପାଇଁ ପ୍ରୟାସ ଚାଲିଛି । ସମସ୍ତ ସମ୍ଭାବ୍ୟ ଦିଗକୁ ଯାଞ୍ଚ କରାଯାଉଛି । ଖୁବ୍ ଶୀଘ୍ର ଏକ ନିରପେକ୍ଷ ତଦନ୍ତ କରାଯିବ । ପୋଲିସ ପ୍ରଶାସନ ଗୁଜବ ଉପରେ ଧ୍ୟାନ ନଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଜଣେ ଆଇଏଏସ୍ ଅଫିସର । ସେ ଏବେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂ ସଇନିଙ୍କ ସହିତ ଏକ ପ୍ରତିନିଧି ଦଳରେ ଜାପାନ୍ ଯାଇଛନ୍ତି । ପୁରନ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ ସିଂହ ଘଟଣାରେ ବିବାଦୀୟ ହୋଇ ପଡ଼ିଥିଲେ ।

## ପାକିସ୍ତାନୀ ପାରାମିଲିଟାରୀ ଯବାନଙ୍କ ଗାଡ଼ି ଉପରେ ଟିଟିପିର ଆକ୍ରମଣ, ୧୧ ମୃତ



ପାକିସ୍ତାନ : ପାକିସ୍ତାନରେ ଇସଲାମିଷ୍ଟ ଆତଙ୍କବାଦୀଙ୍କ ଆକ୍ରମଣ । ଆଫଗାନିସ୍ତାନ ସୀମାରେ ଆମ୍ବୁସ୍ । ପାକିସ୍ତାନ ପାରାମିଲିଟାରୀ ଯବାନଙ୍କ ଗାଡ଼ି ଉପରେ ଭୟଙ୍କର ଆକ୍ରମଣ । ଏଥିରେ ୯ ଜଣ ପାରାମିଲିଟାରୀ ଯବାନ ଏବଂ ଦୁଇ ଜଣ ଅଧିକାରୀଙ୍କ ମୃତ୍ୟୁ ଘଟିଛି । ପାକିସ୍ତାନୀ ତାଲିବାନ ହତ୍ୟା ପାଇଁ ନିଜକୁ ଦାୟୀ କରିଛି । ବୋମା ବିସ୍ଫୋରଣ ପାରାମିଲିଟାରୀ ଗାଡ଼ି ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ ଆତଙ୍କବାଦୀ । ପାକିସ୍ତାନ କୁରମ ଜିଲ୍ଲାରେ ଏହି ଆକ୍ରମଣ ହୋଇଛି । ଘଟଣା ସ୍ଥଳରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ଗତ କିଛି ମାସ ମଧ୍ୟରେ ପାକିସ୍ତାନ ସେନା ଉପରେ ହୋଇଥିବା ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଅନ୍ୟତମ । ତେହେରିକ-ଏ-ତାଲିବାନ ପାକିସ୍ତାନ ୨୦୨୧ରୁ ପାକିସ୍ତାନ ସେନା ଉପରେ ଆକ୍ରମଣ ବଢ଼ାଇଛି । ଖୈବର ଓ ବଲୁଚିସ୍ତାନ ଅଞ୍ଚଳରେ ଏହି ବର୍ଷ ୨୦୦ ରୁ ଅଧିକ ଥର ଆକ୍ରମଣ କରିଛି ଟିଟିପି । ଗତ ୩ ମାସ ମଧ୍ୟରେ ୯୦୧ ଲୋକ ମରିଥିବା ବେଳେ ୫୯୯ରୁ ଅଧିକ ଆହତ ହୋଇଛନ୍ତି । ଏହି ଆତଙ୍କବାଦୀ ଆକ୍ରମଣ ଏବଂ ସେନାର ଅପରେସନ ସାମିଲ ରହିଛି ।

# ଦ୍ରାବିଡଙ୍କ ପାଇଁ ଚାମ୍ପିଆନ୍ସ ଟ୍ରଫି ଜିତିଛୁ : ରୋହିତ

ନୂଆଦିଲ୍ଲୀ,୦୮/୧୦: ଦିନିକିଆ ଅଧିନାୟତ୍ୱ ଛଡ଼ାଇ ନେବା ପରେ ମୁହଁ ଖୋଲିଛନ୍ତି ହିଟମ୍ୟାନ ରୋହିତ ଶର୍ମା । ଚାମ୍ପିଆନ୍ସ ଟ୍ରଫିକୁ ନେଇ ଦେଇଛନ୍ତି ଚମକାଇ ଦେବା ପରି ବୟାନ । ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଜିତିଲେ ହେଲେ ଶ୍ରେୟ ରାହୁଲ ଦ୍ରାବିଡଙ୍କୁ ଦେଇଛନ୍ତି। ଚାମ୍ପିଆନ୍ସ ଟ୍ରଫି ଜିତିବା ପଛରେ ରାହୁଲ ଦ୍ରାବିଡଙ୍କ ହାତ ଥିବା କହିଛନ୍ତି ରୋହିତ । କ୍ୟାପ୍‌ଟେନ୍ସି ଛଡାଇ ନେବା ପରେ ଗୌତମଙ୍କ ଉପରେ ଗମ୍ଭୀର କି ରୋହିତ ତାଙ୍କର ଏହି ବୟାନରୁ ସେମିତି କିଛି ବାରି ହୋଇପଡୁଛି ।

ଦିନିକିଆରେ ରୋହିତଙ୍କଠୁ କ୍ୟାପ୍‌ଟେନ୍ସି ଛଡାଇ ନେଇ ଶୁବମନଙ୍କୁ ଦିଆଯାଇଛି । ଏହାପରେ ପ୍ରଥମ ବଡ଼ ବୟାନ ଦେଇଛନ୍ତି ରୋହିତ ଶର୍ମା । ସିଏଟ କ୍ରିକେଟ ରେଟିଂ ପୁରସ୍କାର ସମାରୋହରେ ସାମିଲ ହୋଇଥିଲେ ରୋହିତ ଶର୍ମା । ଏହି କାର୍ଯ୍ୟକ୍ରମରେ ରୋହିତ ଦେଇଥିବା ବୟାନରୁ ଅନୁମାନ ହେଉଥିଲା ହେଡ୍ କୋଚ୍ ଗମ୍ଭୀରଙ୍କ ସହ ତାଙ୍କର କିଛି ଠିକଠାକ୍ ନାହିଁ । ରୋହିତ କହିଛନ୍ତି, ''୨୦୨୩ ବିଶ୍ୱକପ ଏକ ଯାତ୍ରା ଥିଲା ଯାହାକୁ ଆମେ ବହୁବର୍ଷ




ଧରି ଜାରି ରଖିଥିଲୁ । ଏହା ଗୋଟିଏ କି ଦୁଇବର୍ଷ ନୁହେଁ ବହୁ ବର୍ଷର ପରିଶ୍ରମର ଫଳାଫଳ । ଆମେ ଅନେକ ଥର ବିଶ୍ୱକପ ନିକଟତର ହୋଇଛୁ ହେଲେ ଜିତିପାରିନାହୁଁ । ଆମକୁ କିଛି ଭିନ୍ନ କରିବାକୁ ପଡିବ ବୋଲି ଚିନ୍ତା କରିଥିଲୁ । ଆମେ ଟି-୨୦ ବିଶ୍ୱକପ ଓ ଚମ୍ପିଆନ୍ସ ଟ୍ରଫି ପାଇଁ ପ୍ରସ୍ତୁତ ହୋଇଥିଲୁ । ଏଥିରେ ରାହୁଲ ଭାଇ ମୋତେ ବହୁତ ସାହାଯ୍ୟ କରିଛନ୍ତି। ରାହୁଲ ଦ୍ରାବିଡଙ୍କ କୋଚ୍ କାର୍ଯ୍ୟକାଳରେ ଆରମ୍ଭ ହୋଇଥିବା ପ୍ରକ୍ରିୟାର ପାଳନ କରିବା ଚାମ୍ପିଅନ୍ସ ଟ୍ରଫି ଜିତିବାରେ ସାହାଯ୍ୟ କରିଛି । ଗୌତମ ଗମ୍ଭୀର ଯେବେ ମୁଖ୍ୟ ପ୍ରଶିକ୍ଷକ ହେଲେ ଭାରତ ଟୁର୍ଣ୍ଣାମେଣ୍ଟ ଜିତିଲା । ପୁରା ଟିମ ପୂର୍ବ ଅଧିନାୟକ ଏବଂ କୋଚ୍‌ଙ୍କ ଚିନ୍ତାଧାରକୁ ଆପଣାଇ ଟ୍ରଫି ଜିତିଲା।'' ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ଦେବାକୁ ଥିବା ଦିନିକିଆ ସିରିଜକୁ ନେଇ ରୋହିତ କହିଛନ୍ତି, ମୁଁ ସେ ଦଳ ସହ ଖେଳିବାକୁ ବହୁତ ପସନ୍ଦ କରେ । ଅଷ୍ଟ୍ରେଲିଆରେ ଖେଳିବାକୁ ଉପଭୋଗ କରେ । ସେଠାରେ କ୍ରିକେଟ ଖେଳିବା ସର୍ବଦା ଚ୍ୟାଲେଞ୍ଜିଂ ହୋଇଥାଏ । ଅଷ୍ଟ୍ରେଲିଆ ସବୁବେଳେ ଆମ ପାଇଁ ଭିନ୍ନ ଚ୍ୟାଲେଞ୍ଜ ଆଣେ । ମୁଁ ବ୍ୟକ୍ତିଗତ ଭାବରେ ମୋର ସମସ୍ତ ଫର୍ମାଟରେ ପ୍ରଦର୍ଶନକୁ ନେଇ ଗର୍ବିତ । ରୋହିତ-ରାହୁଲଙ୍କ କାର୍ଯ୍ୟକାଳରେ ଭାରତ ୨୦୨୩ ଦିନିକିଆ ବିଶ୍ୱକପ ଫାଇନାଲରେ ହାରିବା ପରେ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିଥିଲା । ଏହାପରେ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ହାତେଇଥିଲା ଟିମ୍ ଇଣ୍ଡିଆ ।

ହିଟମ୍ୟାନ୍ ରୋହିତ ଶର୍ମା, ଭାରତକୁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଓ ଚାମ୍ପିଆନ୍ସ ଟ୍ରଫି ଜିତାଇଥିବା ଜଣେ ସଫଳ ଅଧିନାୟକ। ତାଙ୍କ ଅଧିନାୟକତ୍ୱରେ ମୋଟ୍ ୫୬ଟି ମ୍ୟାଚ୍‌ରୁ ଟିମ୍ ଇଣ୍ଡିଆ ୪୨ଟି ଜିତିଛି। ଆଇସିସି ଦିନିକିଆ ଇଭେଣ୍ଟରେ ବେଷ୍ଟ ବିଜୟ-ପରାଜୟ ରେସିଓ ତାଲିକାରେ ରୋହିତ ନମ୍ବର ୱାନରେ ଅଛନ୍ତି । ଅଷ୍ଟ୍ରେଲିଆର ରିକିଂ ପଣ୍ଟିଙ୍କୁ ପଛରେ ପକାଇଛନ୍ତି ହିଟମ୍ୟାନ । ଭାରତୀୟ ଦଳର ଏତେ ସଫଳତମ କ୍ୟାପଟେନଙ୍କ ହାତରୁ କାହିଁକି ଛଡାଇ ନିଆଗଲା କ୍ୟାପଟେନସି ସଭିଙ୍କ ମନରେ ଏବେ ଏହି ଗୋଟିଏ ପ୍ରଶ୍ନ ।

## ଖୁବଶୀଘ୍ର ପଡିଆକୁ ଓହ୍ଲାଇ ପାରନ୍ତି ଋଷଭ

ନୂଆଦିଲ୍ଲୀ,୮।୧୦: ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦୁଇଟି ମ୍ୟାଚ୍‌ର ଟେଷ୍ଟ ସିରିଜି ଖେଳା ଯାଉଛି। ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଜିତିବା ପରେ ଟିମ୍ ଇଣ୍ଡିଆ ସିରିଜରେ ୧-୦ ରେ ଆଗୁଆ ଅଛି। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ୍ ଅକ୍ଟୋବର ୧୦ ତାରିଖରେ ଦିଲ୍ଲୀରେ ଆରମ୍ଭ ହେବ। ଏହି ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଏକ ଖୁସି ଖବର ଆସିଛି। ଋଷଭ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। କୁହାଯାଉଛି କି ପନ୍ତ ଅକ୍ଟୋବର ୨୫ରୁ ଆରମ୍ଭ ହେଉଥିବା ୨୦୨୫-୨୬ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ପଡ଼ିଆକୁ ଫେରିପାରନ୍ତି। ସେ ନଭେମ୍ବର ୧୪ ତାରିଖରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ମ୍ୟାଚ୍‌ର ସିରିଜ୍ ସମୟରେ ଟିମ୍ ଇଣ୍ଡିଆ ପାଇଁ ଟେଷ୍ଟ କ୍ରିକେଟରେ ପ୍ରତ୍ୟାବର୍ତ୍ତନ ମଧ୍ୟ କରିପାରନ୍ତି। ରିପୋର୍ଟ ଅନୁଯାୟୀ, ଚଳିତ ସପ୍ତାହ ଶେଷରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଙ୍କର ଫିଟନେସ୍ ମୂଲ୍ୟାଙ୍କନ କରାଯିବ। ଋଷଭଙ୍କ ଗୋଡ଼ ପ୍ଲାଷ୍ଟର ତିନି ସପ୍ତାହ ପୂର୍ବରୁ କାଢ଼ି ଦିଆଯାଇଥିଲା। ସେ ବର୍ତ୍ତମାନ କୌଣସି ସମସ୍ୟା ବିନା ବୁଲାବୁଲି କରି ପାରୁଛନ୍ତି। ଏମିତି କି ବ୍ୟାୟାମ ଏବଂ ଓଜନ ତାଲିମ ମାଧ୍ୟମରେ ତାଙ୍କ ଗୋଡ଼କୁ ମଜବୁତ କରିବା ପାଇଁ ପ୍ରୟାସ କରୁଛନ୍ତି ଏବଂ ବ୍ୟାଟିଂ ମଧ୍ୟ ଆରମ୍ଭ କରିଛନ୍ତି।

## ଧନଶ୍ରୀ-ଚହଲ ମୁହାଁମୁହିଁ

ନୂଆଦିଲ୍ଲୀ,୮।୧୦: ଭାରତୀୟ କ୍ରିକେଟର୍ ଯୁଜବେନ୍ଦ୍ର ଚହଲ ଓ ତାଙ୍କ ପୂର୍ବ ପତ୍ନୀ ଧନଶ୍ରୀ ବର୍ମାଙ୍କ ବିବାହ ଓ ଛାଡପତ୍ର ପ୍ରସଂଗରେ ପୂର୍ବରୁ ଆମେ ଅନେକ ବାର ଆଲୋଚନା କରିଛନ୍ତି। ନିକଟରେ ଧନଶ୍ରୀ ଦେଇଥିବା ଏକ ବୟାନ ସଭିଙ୍କୁ ଚକିତ କରିଛି। ଏକ ରିୟାଲିଟି ସୋ'ରେ ଧନଶ୍ରୀ ତାଙ୍କ ଅତୀତ ବିଷୟରେ କଥା ହୋଇଛନ୍ତି। ସେହିପରି ଜବାବ ଦେଇ ଚହଲ ମଧ୍ୟ ସମାନ ଅଭିଯୋଗ କରିଛନ୍ତି।

ଧନଶ୍ରୀଙ୍କ କହିବା କଥା ହେଲା ସେ ଚହଲଙ୍କୁ ଅନେକ ଥର ତାଙ୍କ





ଭୁଲ୍‌ରେ ବି ସମର୍ଥନ ଦେଇଛନ୍ତି। ସୋ'ରେ ଧନଶ୍ରୀଙ୍କ ସହ ପ୍ରତିଯୋଗୀ ଥିବା ତାଙ୍କ ବନ୍ଧୁ ଅରବାଜ ପଟେଲଙ୍କୁ ଥରେ କିପରି ଚହଲ ଖରାପ ବ୍ୟବହାର କରିଥିଲେ ତାହାକୁ ମନେପକାଇଛନ୍ତି। ସେହି କ୍ଷେତ୍ରରେ ବି ସେ ଚହଲଙ୍କୁ ସମର୍ଥନ କରିବା କଥାକୁ ମନେ ପକାଇ ଏବେ ଅନୁତାପ କରୁଥିବା କହିଛନ୍ତି।

ଚହଲ ତାଙ୍କୁ ପ୍ରତାରଣା କରିଥିବା କଥା ମଧ୍ୟ ସେ କହିଛନ୍ତି । ଧନଶ୍ରୀଙ୍କ ଏହି ଅଭିଯୋଗର ଜବାବ ବର୍ତ୍ତମାନ ଦେଇଛନ୍ତି କ୍ରିକେଟର ଯୁଜବେନ୍ଦ୍ର ଚହଲ। ସେ ଧନଶ୍ରୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜାତୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଚହଲ କହିଛନ୍ତି, ମୁଁ ଜଣେ ଖେଳାଳି ଏବଂ ମୁଁ ଠକିବା ଶିଖି ନାହିଁ କି କାହାକୁ ଠକି ନାହିଁ। ଯଦି କେହି ଦୁଇ ମାସ ମଧ୍ୟରେ ଠକିଦିଏ, ତେବେ ସମ୍ପର୍କ କେତେ ଦିନ ରହିବ ? ମୋ ପାଇଁ ଧନଶ୍ରୀଙ୍କ ଅଧ୍ୟାୟ ଶେଷ ହୋଇଯାଇଛି। ମୁଁ ମୋ ଜୀବନ ସହିତ ଆଗକୁ ବଢ଼ିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଭଳି କରିବା ଉଚିତ। ଚହଲ ଆହୁରି କହିଛନ୍ତି, ଆମର ବିବାହ ସାଢ଼େ ୪ ବର୍ଷ ଚାଲିଲା। ଯଦି ମତେ ଦୁଇ ମାସ ମଧ୍ୟରେ ଠକାମିର ଶିକାର କରାଯାଏ ତେବେ କିଏ ଆଗକୁ ବଢ଼ିବ ? ମୁଁ ପୂର୍ବରୁ କହିସାରିଛି ଯେ ମୁଁ ଅତୀତରୁ ଆଗକୁ ବଢ଼ିଯାଇଛି। କିନ୍ତୁ କିଛି ଲୋକ ଏବେ ବି ସେଠାରେ ଫସି ରହିଛନ୍ତି। ମୋ ନାଁରେ ସେମାନଙ୍କ ଘର ଚଳୁଛି। ତେଣୁ ସେମାନେ ଏହା ଜାରି ରଖିପାରିବେ।ମୁଁ ଏହାକୁ ନେଇ ଚିନ୍ତିତ ନୁହେଁ ଏବଂ ମତେ କିଛି ଫରକ ପଡ଼େ ନାହିଁ ।ତେବେ ଧନଶ୍ରୀ କିଛି ଦିନ ପୂର୍ବରୁ ରିଆଲିଟି ଶୋ ରାଇଜ ଆଣ୍ଡ ଫଲରେ ଚହଲଙ୍କୁ ପରୋକ୍ଷରେ ଅଭିଯୋଗ କରିଥିଲେ। ଅଭିନେତ୍ରୀ କୁବ୍ରା ସୈତ ଧନଶ୍ରୀଙ୍କୁ ପଚାରିଥିଲେ ଯେ ସେ କେବେ ଜାଣିଲେ ଯେ ତାଙ୍କ ବିବାହ ଭାଙ୍ଗୁଛି ।ଏହାର ଉତ୍ତରରେ ଧନଶ୍ରୀ କହିଥିଲେ। ମୁଁ ଚହଲଙ୍କୁ ବିବାହର ଦେଢ଼ ବର୍ଷ ଭିତରେ ଧରିଥିଲି।

# ବାଂଲାଠୁ ହାରିବାରୁ ବର୍ତ୍ତିଲା ଇଂଲଣ୍ଡ

ଗୁଆହାଟୀ,୮।୧୦: ଚଳିତ ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଏକ ବଡ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି ଇଂଲଣ୍ଡ। ବାଂଲାଦେଶ ବିପକ୍ଷ ଏହି ଲିଗ୍ ମ୍ୟାଚ୍‌କୁ ଇଂଲଣ୍ଡ ଶେଷରେ ୪ ୱିକେଟ୍‌ରେ ରୋମାଞ୍ଚକ ଭାବେ ଜିତି ପଏଣ୍ଟ ଟେବୁଲ୍ ଶୀର୍ଷକୁ ଉନ୍ନୀତ ହୋଇଛି। ବାଂଲାଦେଶ ରଖିଥିବା ୧୭୯ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇବାରୁ ୧୦୩/୬ରେ ସଂଘର୍ଷ କରିଥିଲା। ଶେଷକୁ ଅତୁଟ ସପ୍ତମ ୱିକେଟ୍ ପାଇଁ ଅଭିଜ୍ଞା ହିଦର୍ ନାଇଟ୍ (୧୧୧ ବଲ୍‌ରୁ ୭୯ଅ ରନ୍, ୮ ଚୌକା, ୧ ଛକା) ଏବଂ ଚାର୍ଲୋଟ୍ ଡିନ୍ (୫୬ ବଲ୍‌ରୁ ୨୭ଅ ରନ୍, ୨ ଚୌକା) ୧୬.୪ ଓଭରରେ ୭୯ଅପରାଜିତ ରନ୍ ଯୋଡି ବାଂଲାଦେଶ ହାତରୁ ବିଜୟ ଛଡାଇ ନେଇଥିଲେ। ପୂର୍ବରୁ ଅଧିନାୟିକା ନାଟ୍ ଶିଭର ବ୍ରଣ୍ଟ (୩୨ ରନ୍) ମଧ୍ୟ ଏକ ଭଲ ପାଳି ଖେଳିଥିଲେ। ଇଂଲଣ୍ଡ ୪୬.୧ ଓଭରରେ ୬ ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରି ନେଇଥିଲା। ବାଂଲାଦେଶ ପାଇଁ ଫହିମା ଖାତୁନ୍ (୧୦-୨-୧୬-୩)ଙ୍କ ବିଆ ବୋଲିଂ କିନ୍ତୁ ଶେଷରେ ସାନ୍ତ୍ୱନାରେ ସୀମିତ ରହିଥିଲା। ମାରୁଫା ଅଖ୍ତର୍ (୨/୨୮) ଓ ସଂଜୀଦା ଅଖ୍ତର୍ ମେଘଲା (୧/୨୪) ମଧ୍ୟ ଏହି ଲୋ ସ୍କୋରିଂ ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୯.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୮ ରନ୍ କରିଥିଲା। ପ୍ରଥମ ପାୱାର ପ୍ଲେ ଭିତରେ ୨ ୱିକେଟ୍ ହରାଇଥିବା ବାଂଲାଦେଶ ପାଇଁ ମଧ୍ୟକ୍ରମରେ ଶୋଭନା ମୋସ୍ତାରୀ (୧୦୮ ବଲ୍‌ରୁ ୬୦ ରନ୍) ଏବଂ ଡେଥ୍ ଓଭରରେ ରାବେୟା ଖାନ୍ (୨୬ ବଲ୍‌ରୁ ୪୩ଅ ରନ୍) କରିବାରୁ ଦଳର ସମ୍ମାନ ରହିଥିଲା। କିନ୍ତୁ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନଥିଲା। ଇଂଲଣ୍ଡ ପାଇଁ ସୋଫି ଏକ୍ଲେଷ୍ଟୋନ୍ (୧୦-୩-୨୪-୩), ଚାର୍ଲି ଡିନ୍ (୧୦-୨-୨୮-୨), ଆଲିସ୍ କାପ୍‌ସେ (୮-୧-୩୧-୨), ଲିନ୍‌ସେ ସ୍ମିଥ୍ (୯.୪-୧-୩୩-୨) ଓ ଲେରେନ୍ ବେଲ୍ (୭-୧-୨୮-୧) ୱିକେଟ୍ ବାଣ୍ଟି ନେଇଥିଲେ।




# ଡ୍ରୋନ୍ ଉଡାଇବେ ଏମ୍‌ଏସ ଧୋନୀ

## ମିଳିଲା ଡିଜିସିଏ ସାର୍ଟିଫାଏଡ଼ ପାଇଲଟ ଲାଇସେନ୍ସ



ନୂଆଦିଲ୍ଲୀ,୦୮/୧୦: ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ, କ୍ୟାପ୍‌ଟେନ କୁଲ୍ ମହେନ୍ଦ୍ର ସିଂହ ଧୋନୀ ଏବେ ଡ୍ରୋନ୍ ଉଡାଇବେ । ଏମ୍‌ଏସଡିଙ୍କ ବାଇକ୍-କାର୍ ସଉକ ଥିବା ସମସ୍ତ ଜାଣିଛନ୍ତି । ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସ୍‌ରେ ଏକାଧିକ ଦାମୀ କାର୍ ଓ ବାଇକ୍ ମଧ୍ୟ ରହିଛି । କିନ୍ତୁ ଏବେ ଡ୍ରୋନ୍ ପଛରେ ପଡିଛନ୍ତି କ୍ୟାପ୍‌ଟେନ୍ କୁଲ୍ । ଆନୁଷ୍ଠାନିକ ପ୍ରଶିକ୍ଷଣ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ)ଙ୍କଠାରୁ ଡ୍ରୋନ୍ ଉଡାଇବାର ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ଏ ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି ମହେନ୍ଦ୍ର ସିଂହ ।

ଧୋନୀ ଡିଜିସିଏଙ୍କ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନ ଗରୁଡ଼ ଏରୋସ୍ପେସ୍‌ରୁ ଡ୍ରୋନ୍ ଉଡାଇବାର ତାଲିମ ନେଇଛନ୍ତି । ପୂର୍ବରୁ ସେ ଆଞ୍ଚଳିକ ସେନାର ସମ୍ମାନସୂଚକ କର୍ଣ୍ଣେଲ ପଦରେ ମଧ୍ୟ ଅବସ୍ଥାପିତ ହୋଇ ସାରିଛନ୍ତି । 'ଅପରେସନ୍ ସିନ୍ଦୂର'ରେ ଭାରତ-ପାକିସ୍ତାନ ୪ ଦିନିଆ ଯୁଦ୍ଧରେ ଉଭୟ ପକ୍ଷରୁ ଡ୍ରୋନ୍ ଆକ୍ରମଣ ହୋଇଥିଲ । ଏଭଳି ସ୍ଥିତିରେ ଧୋନୀ ନିଜ ତରଫରୁ ଡ୍ରୋନ୍ ଉଡାଇବା ଲାଇସେନ୍ସ ହାସଲ କରି ପ୍ରଶଂସକଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ ଥିବା ନେଇ ସଙ୍କେତ ଦେଇଛନ୍ତି । ୪୪ ବର୍ଷୀୟ ଧୋନୀ ବର୍ତ୍ତମାନ ଭାରତର ପ୍ରମୁଖ ଡ୍ରୋନ୍ ନିର୍ମାତା କମ୍ପାନୀ ଗରୁଡ଼ ଏରୋସ୍ପେସ୍‌ର ବ୍ରାଣ୍ଡ ଆମ୍ବାସାଡ଼ର ରହିଛନ୍ତି । କମ୍ପାନୀର ଏକ ଡ୍ରୋନ୍ ପାଇଲଟ୍ ତାଲିମ କାର୍ଯ୍ୟକ୍ରମ ଚେନ୍ନାଇରେ ଅନୁଷ୍ଠିତ ହୋଇଥିଲା । ଡିଜିସିଏ ଅନୁମୋଦିତ ଏହି ରିମୋଟ ପାଇଲଟ୍ ତାଲିମରେ ଧୋନୀ ବ୍ୟକ୍ତିଗତ ଭାବେ ସାମିଲ ହୋଇଥିଲେ । ଫଳରେ ସେ ପାଇଲଟ୍ ଭାବରେ ପ୍ରମାଣପତ୍ର ପାଇଥିବା ଗରୁଡ ଏରୋସ୍ପେସ୍ କମ୍ପାନୀ ପକ୍ଷରୁ କୁହାଯାଇଛି । ଧୋନୀ କ୍ରିକେଟ ସହ ଏକାଧିକ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ଲେଫ୍ଟନାଣ୍ଟ କର୍ଣ୍ଣେଲ ହେବା ସହ ପାରାଚୁଟର୍ ଭାବେ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି ।

## ଶତକ କଲେ ଶ'

ମୁମ୍ବାଇ,୮।୧୦: ମୁମ୍ବାଇ ଛାଡ଼ି ମହାରାଷ୍ଟ୍ର ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଥିବା ଶଙ୍କ ବ୍ୟାଟରୁ ବାହାରିଛି ଦମଦାର ଶତକ। ସେ ନିଜର ପୂର୍ବ ଟିମ ଅର୍ଥାତ ମୁମ୍ବାଇ ବିପକ୍ଷ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିନରେ ଶତକ ମାରି ସମସ୍ତଙ୍କୁ ବଡ଼ ବାର୍ତ୍ତା ଦେଇଛନ୍ତି ।ଘରୋଇ ସିଜିନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଛାଡ଼ି ମହାରାଷ୍ଟ ଆସିଥିବା ୨୫ ବର୍ଷୀୟ ପୃଥ୍ୱୀ ପ୍ରଥମ ଦିନରେ ୧୪୦ ବଲରେ ଅପରାଜିତ ୧୦୦ ରନର ଇନିଂସ ଖେଳିଛନ୍ତି। ସେ ଓ ମହାରାଷ୍ଟ୍ରର ଅନ୍ୟତମ ଓପନର ଅର୍ଶିନ କୁଲକର୍ଣ୍ଣୀ ପ୍ରଥମ ୱିକେଟ ପାଇଁ ୪୯.୪ ଓଭରରେ ୩୦୫ ରନ ଯୋଡ଼ିଥିଲେ ।ଇନିଂସ ଆରମ୍ଭରୁ ଶ ସାମାନ୍ୟ ସତର୍କତାର ସହ ବ୍ୟାଟିଂ କରିଥିଲେ ୮୪ ବଲରେ ତାଙ୍କ ବ୍ୟାଟରୁ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା କିନ୍ତୁ ଏହାପରେ ସେ ନିଜ ଜଲା ଦେଖାଇ ୧୪୦ ବଲରେ ଶତକ ଅପରାଜିତ ୧୦୦ ରନର ଇନିଂସ ଖେଳିଥିଲେ। ତେବେ କୁଲକର୍ଣ୍ଣୀ ଆରମ୍ଭରୁ ନିଜର ଜଲୱା ଦେଖାଇବା ସହ ୧୪୦ ବଲରେ ୧୮୬ ରନର ଇନିଂସ ଖେଳିଛନ୍ତି ।ଏହି ଇନିଂସରେ ସେ ୩୩ଟି ଚୌକା ଓ ୪ଟି ଛକା ମାରିଛନ୍ତି ।

# ୫୮ କୋଟିର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ କମିନ୍ସ ଓ ହେଡ୍

ମୁମ୍ବାଇ,୮।୧୦: ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏବଂ ଷ୍ଟାର ବ୍ୟାଟସମ୍ୟାନ ଟ୍ରାଭିସ ହେଡ ଆଇପିଏଲ ଦଳରୁ ବାର୍ଷିକ ୫୮.୨ କୋଟି ଟଙ୍କା (ପ୍ରାୟ ୧୦ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ମୂଲ୍ୟର ଏକ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ସେମାନେ ଅଷ୍ଟ୍ରେଲିଆ କ୍ରିକେଟ ଛାଡି ବିଦେଶୀ ଟି-୨୦ ଲିଗରେ ଖେଳି ଥାନ୍ତେ। ତେବେ ଉଭୟ ଖେଳାଳି ଏହି ପ୍ରସ୍ତାବକୁ ନମ୍ରତାର ସହ ମନା କରି ଦେଇଛନ୍ତି ଏବଂ ଜାତୀୟ ଦଳ ପ୍ରତି ନିଷ୍ଠା ଜାରି ରଖିଛନ୍ତି।




କମିନ୍ସ ଓ ହେଡ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ୍) ସହ ଆଇପିଏଲ ଚୁକ୍ତିରେ ଅଛନ୍ତି, ଯାହାର ମୂଲ୍ୟ ଯଥାକ୍ରମେ ୧୮ କୋଟି ଓ ୧୪ କୋଟି ଟଙ୍କା। ଏହା ବ୍ୟତୀତ, ଅଷ୍ଟ୍ରେଲିଆର ଶୀର୍ଷ ଖେଳାଳିମାନେ ବାର୍ଷିକ ଚୁକ୍ତିରୁ ପ୍ରାୟ ୮.୭୪ କୋଟି ଟଙ୍କା (୧.୫ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ରୋଜଗାର କରନ୍ତି। କମିନ୍ସଙ୍କ ଅଧିନାୟକତ୍ୱ ଭତ୍ତା ସହିତ ତାଙ୍କର ଆନ୍ତର୍ଜାତୀୟ କ୍ରିକେଟ ଆୟ ପ୍ରାୟ ୧୭.୪୮ କୋଟି ଟଙ୍କା (୩ ମିଲିୟନ ଅଷ୍ଟ୍ରେଲିଆନ ଡଲାର)।

ସିଡନୀ ମର୍ନିଂ ହେରାଲ୍ଡ ରିପୋର୍ଟ ଅନୁଯାୟୀ, ବିଗ ବ୍ୟାଶ ଲିଗ (ବିବିଏଲ)ର ଘରୋଇକରଣ ସମ୍ପର୍କରେ କ୍ରିକେଟ ଅଷ୍ଟ୍ରେଲିଆ, ରାଜ୍ୟ ସଂଘ ଓ ଖେଳାଳି ସଂଘ ମଧ୍ୟରେ ଆଲୋଚନା ବେଳେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ପ୍ରସ୍ତାବଗୁଡ଼ିକ ଅଷ୍ଟ୍ରେଲିଆ କ୍ରିକେଟର ଖେଳାଳିଙ୍କ ଉପରେ ନିୟନ୍ତ୍ରଣ ଦୁର୍ବଳ ହେଉଥିବାର ଉଦାହରଣ ଭାବେ ଉପସ୍ଥାପିତ ହୋଇଛି। ଏହା ବିବିଏଲରେ ଘରୋଇ ପୁଞ୍ଜି ମାଧ୍ୟମରେ ଖେଳାଳିଙ୍କ ଦରମା ବୃଦ୍ଧି ଏବଂ ଟି-୨୦ ଲିଗକୁ ବିଶ୍ୱବ୍ୟାପୀ ଫ୍ରାଞ୍ଚାଇଜ ମାଲିକଙ୍କ ନେଟୱାର୍କ ସହ ସଂଯୋଗ କରିବା ପାଇଁ ଯୁକ୍ତି ଭାବେ ବ୍ୟବହୃତ ହୋଇଛି।

କମିନ୍ସ ଓ ହେଡ ଅଷ୍ଟ୍ରେଲିଆର ଶୀର୍ଷ ରୋଜଗାରୀ କ୍ରିକେଟର ମଧ୍ୟରେ ଥିଲେ ମଧ୍ୟ, ସେମାନଙ୍କ ବର୍ତ୍ତମାନର ଦରମା ଦେଶର ଶୀର୍ଷ କ୍ରୀଡ଼ାବିତଙ୍କ ଆୟଠାରୁ ବହୁତ କମ। ଫର୍ମୁଲା ୱାନ ଡ୍ରାଇଭର ଅସ୍କାର ପିଆଷ୍ଟ୍ରି (୪୦ ମିଲିୟନ ଅଷ୍ଟ୍ରେଲିଆନ ଡଲାର), ଏନବିଏ ଖେଳାଳି ଜୋଶ ଗିଡେ (୩୮ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ଏବଂ ଏନଏଫଏଲ ଖେଳାଳି ଜୋର୍ଡାନ ମୈଲାଟା (୩୪ ମିଲିୟନ ଅଷ୍ଟ୍ରେଲିଆନ ଡଲାର) ଏହି ତାଲିକାରେ ଶୀର୍ଷରେ ଅଛନ୍ତି। ଏସଆରଏଚ୍‌ରେ କମିନ୍ସ ଓ ହେଡଙ୍କ ସହଖେଳାଳି ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟସମ୍ୟାନ ହେନରିଖ କ୍ଲାସେନ ଜୁନରେ ଆନ୍ତର୍ଜାତୀୟ କ୍ରିକେଟ ଛାଡି ବିଶ୍ୱବ୍ୟାପୀ ଲିଗରେ ଖେଳିବାକୁ ନିଷ୍ପତ୍ତି ନେଇଥିଲେ।

# ଦିନିକିଆ କ୍ରିକେଟରେ ଶ୍ରେଷ୍ଠ-୭ ଅଧିନାୟକ

**ନୂଆଦିଲ୍ଲୀ,୮।୧୦:** ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ମାତ୍ର ଶ୍ରେଷ୍ଠ-୭ ଜଣିଆ ଅଧିନାୟକ ତାଲିକାରେ ସ୍ଥାନ ପାଇପାରି ନାହାନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆର ଅନ୍ୟ ଜଣେ ପୂର୍ବତନ ଅଧିନାୟକ ଆଲାନ ବର୍ଡର ସାମିଲ ଅଛନ୍ତି। ଭାରତର ଦୁଇ ଜଣ ପୂର୍ବତନ ଅଧିନାୟକ 'ମହେନ୍ଦ୍ର ସିଂହ ଧୋନି ଓ ମହମ୍ମଦ ଆଝାରୁଦ୍ଦୀନ' ଦିନିକିଆ କ୍ରିକେଟରେ ସର୍ବାଧିକ ମ୍ୟାଚ୍ ବିଜୟ ହାସଲ କରିଥିବା ଅଧିନାୟକ ତାଲିକାରେ ସାମିଲ ଅଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବିରାଟ କୋହଲି ଏବଂ ରୋହିତ ଶର୍ମା ଭଳି ଅଭିଜ୍ଞ ଓ ଲୋକପ୍ରିୟ କ୍ରିକେଟ ତାରକା ଏହି ତାଲିକାରେ ସ୍ଥାନ ପାଇପାରି ନାହାନ୍ତି। ସର୍ବାଧିକ ମ୍ୟାଚ୍ ଜିତିଥିବା ଅଧିନାୟକ

ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଦିନିକିଆ କ୍ରିକେଟରେ




ସର୍ବାଧିକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ସେ ୨୩୦ଟି ମ୍ୟାଚ୍‌ରେ ଅଧିନାୟକ ଥିଲେ। ଏଥିରୁ ସେ ନିଜ ଦଳକୁ ୧୬୫ଟି ମ୍ୟାଚ୍‌ରେ ବିଜୟ ଦେଇପାରିଛନ୍ତି। ପଣ୍ଟିଂଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୨ ଥର (୨୦୦୩ ଓ ୨୦୦୭) ବିଶ୍ୱକପ ଚାମ୍ପିଅନ ହୋଇଛି।

ଶ୍ରେଷ୍ଠ-୭ ଅଧିନାୟକ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ମହେନ୍ଦ୍ର ସିଂହ ଧୋନି, ଯିଏକି ୧୧୦ଟି ମ୍ୟାଚ୍ ଜିତିଛନ୍ତି। ଧୋନୀ ୨୦୦ଟି ଦିନିକିଆ ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଥିଲେ। ୨୦୧୧ ଓ ୨୦୧୩ ବିଶ୍ୱକପରେ ତାଙ୍କର ନେତୃତ୍ୱରେ ଭାରତୀୟ ଟିମ୍ ଚାମ୍ପିଅନ ହୋଇଥିଲା।

ଆଲାନ ବର୍ଡର ଏହି ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି, ଯିଏକି ୧୭୮ଟି ମ୍ୟାଚ୍‌ରୁ ୧୦୭ଟିରେ ବିଜୟ ହାସଲ କରିଛନ୍ତି। ବୋର୍ଡରଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୧୯୮୭ ଦିନିକିଆ ବିଶ୍ୱକପରେ ଚାମ୍ପିଅନ ହୋଇଥିଲା।

ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ମ୍ୟାଚ୍ ବିଜୟୀ ଶ୍ରେଷ୍ଠ ୭ ଅଧିନାୟକ ତାଲିକାର ଚତୁର୍ଥ ସ୍ଥାନରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ହାନସୀ କ୍ରୋନିଏ। ସେ ୧୩୮ଟି ମ୍ୟାଚ୍‌ରେ ଅଧିନାୟକ ଥିଲେ, ଯେଉଁଥିରୁ ୯୯ଟିରେ ବିଜୟ ହାସଲ କରିଥିଲେ। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଷ୍ଟିଫେନ୍ ଫ୍ଲେମିଂ ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ମ୍ୟାଚ୍ ବିଜୟୀ ଶ୍ରେଷ୍ଠ-୭ ଅଧିନାୟକଙ୍କ ତାଲିକାର ପଞ୍ଚମ ସ୍ଥାନରେ ଅଛନ୍ତି। ସେ ୨୧୮ଟି ମ୍ୟାଚ୍‌ରେ ଅଧିନାୟକ ଥିଲେ। ଏଥିରୁ ୯୮ଟିରେ ବିଜୟ ହାସଲ କରିଥିଲେ।

ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍ ତାଲିକାର ଷଷ୍ଠ ସ୍ଥାନରେ ଅଛନ୍ତି, ଯିଏ ୧୫୦ରୁ ୯୨ଟି ମ୍ୟାଚ୍‌ରେ ନଜ ଦଳକୁ ଜିତାଇ ପାରିଥିଲେ।

ଦିନିକିଆ କ୍ରିକେଟ୍‌ରେ ସଫଳ ଅଧିନାୟକଙ୍କ ତାଲିକାର ସପ୍ତମ ସ୍ଥାନରେ ଅଛନ୍ତି ।ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦୀନ। ସେ ଭାରତ ପାଇଁ ୧୭୪ରୁ ୯୦ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲେ।

## ବୋଲ୍‌ଟଙ୍କୁ ଭେଟିଲେ ଅନିମେଷ

ନୂଆଦିଲ୍ଲୀ,୮।୧୦: ଦେଶର ଦ୍ରୁତତମ ଧାବକ ଅନିମେଷ କୁଜୁର ଏବଂ ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍‌ଟଙ୍କ ମହାମିଳନ ମଙ୍ଗଳବାର ହୋଇଛି। ଏହି ପ୍ରତୀକ୍ଷିତ ଭେଟାଭେଟି ମୁମ୍ବାଇଠାରେ ଏକ ଜୋତା ବ୍ରାଣ୍ଡ ତରଫରୁ ଆୟୋଜିତ ଘରୋଇ କାର୍ଯ୍ୟକ୍ରମ ଅବସରରେ ଘଟିଛି। ନିଜ ଆଦର୍ଶ ବୋଲ୍‌ଟଙ୍କୁ ପାଖରେ ପାଇ ଅନିମେଷ ବେଶ୍ ଉଲ୍ଲସିତ ଥିଲେ। ଏହି ମେଳାରେ ଅନିମେଷ ନିଜ ବିଜୁଳି ଭଳି ଗତି ପାଇଁ ପରିଚିତ ଏବଂ ଅଲିମ୍ପିକ୍ସ ଇତିହାସର ସବୁଠାରୁ ସଫଳ ଧାବକ ବୋଲ୍‌ଟଙ୍କଠାରୁ ଦୌଡକୁଦର କିଛି ବୈଷୟିକ ରଣକୌଶଳ ଓ ଟିପ୍ସ ଉତ୍ସାହର ସହ ବୁଝୁଥିବା ଦେଖିବାକୁ ମିଳିଥିଲା। ବୋଲ୍‌ଟ ମଧ୍ୟ ଖୁସିରେ ତାଙ୍କ ରନ୍‌ଅପ୍‌ରେ ଥିବା କିଛିଟା ସମସ୍ୟା ବିଷୟରେ ଖୋଲି କହିଥିଲେ। ଉଭୟ ପରସ୍ପର ସହ ଢେର୍ ସମୟ ଗପସପ କରି ଏବଂ ହାତମିଳାଇ ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିଥିଲେ। ଉଭୟ ସଂପୃକ୍ତ ଜୋତା ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସଡର ଥିବା ଜଣାପଡିଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅମିନେଷ, ବୋଲ୍‌ଟଙ୍କୁ ନିଜ ଭଗବାନ ଭାବେ ପୂଜା କରନ୍ତି। ଏପରିକି ବୋଲ୍‌ଟ ଉତ୍ସବ ପାଳନ ଶୈଳୀକୁ ନକଲ କରନ୍ତି। ଚଳିତ ଋତୁରେ ସେ ଉଭୟ ୧୦୦ ଓ ୨୦୦ ମିଟର ଜାତୀୟ ରେକର୍ଡ ଭାଙ୍ଗିବା ସହ ପ୍ରଥମ ଭାରତୀୟ ପୁରୁଷ ଧାବକ ଭାବେ ଜାପାନର ଟୋକିଓରେ ଆୟୋଜିତ ବିଶ୍ୱ



ଦୌଡକୁଦ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ଅନିମେଷ ସଂପ୍ରତି ଆସନ୍ତାବର୍ଷର ଏସୀୟ କ୍ରୀଡା ଲାଗି ପ୍ରସ୍ତୁତ ହେଉଛନ୍ତି। ଏଥିରେ ସେ ୧୦ ସେକେଣ୍ଡ ପ୍ରତିବନ୍ଧକକୁ ଦୂର କରିବା ଲକ୍ଷ୍ୟରେ ରହିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ